ବୌଦ୍ଧରେ ବିଜେଡି ହିଁ ଲୋକଙ୍କ ଏକମାତ୍ର ଭରସା

# ଅମାତଙ୍କ ଲୋକପ୍ରିୟତା ଆଗରେ ବିଜେପି, କଂଗ୍ରେସ ଧରାଶାୟୀ

**ହରଭଙ୍ଗା, ୧୪।୪(ସମିସ)**

ବର୍ତ୍ତମାନ ରାଜନୀତି ପାଣି ପାଗକୁ ଅନୁଧ୍ୟାନ କଲେ ଗ୍ରାମାଞ୍ଚଳଠୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଗୋଟିଏ ଚର୍ଚ୍ଚା କ'ଣ ହେବ ଆଗାମୀ ନିର୍ବାଚନ ଫଳାଫଳ। କାହା ଭାଗ୍ୟରେ ଅଛି ବିଜୟର ମୁକୁଟ। ଏମିତି ନାନା କଳ୍ପନା ଜଳ୍ପନା ଲାଗିରହିଥିବା ବେଳେ ରାଜନୀତି ସରଗରମ ବଢ଼ୁଛି। ସେଥିମଧ୍ୟରୁ ଓଡ଼ିଶାର ମଧ୍ୟ ଭାଗରେ ଥିବା ବୌଦ୍ଧ ଜିଲ୍ଲା ରାଜନୀତି ସରଗରମ କାହାଣୀ ଭିନ୍ନ ପ୍ରକାରର। ବୌଦ୍ଧ ଜିଲ୍ଲାରେ ମାତ୍ର ଦୁଇଟି ବିଧାନସଭା ଆସନ ରହିଥିଲେ ମଧ୍ୟ ବୌଦ୍ଧ ନିର୍ବାଚନ ମଣ୍ଡଳୀର ସରଗରମ ରାଜନୀତିକୁ ନେଇ ରାଜଧାନୀରେ ମଧ୍ୟ ଚର୍ଚ୍ଚା। କାରଣ ଏଠି ଲଗାତାର ଭାବେ ଆଜିକୁ ୨୪ ବର୍ଷ ହେଲା ବିଜେଡି ହିଁ ଲୋକେ ଭରସା କରିଛନ୍ତି। ଲୋକଙ୍କ କାମ କରିବା, ଅଞ୍ଚଳର ବିକାଶକୁ ନେଇ ଏଠିକାର ଭୋଟର ନିରନ୍ତର ଭାବେ ବିଜେଡିକୁ ହିଁ ଭୋଟ ଦେଇ ଆଜି ପର୍ଯ୍ୟନ୍ତ ବିଜୟ ମୁକୁଟ ପିନ୍ଧାଇ ଆସିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିକଟତର ନେତା ପ୍ରଦୀପ ଅମାତଙ୍କୁ ଏହି ବିଜୟ ମୁକୁଟଟି ଆଜି ପର୍ଯ୍ୟନ୍ତ ମିଳି ଆସିଛି।







**ଭରା ନଈରେ ବୁଡି ଯାଉଥିବା ଡଙ୍ଗାକୁ ଉଦ୍ଧାର କରିବା ଲାଗି ନବ ମିଶ୍ର ଝାଳନାଳ**

**ପ୍ରଦୀପ ଅମାତଙ୍କ ଲୋକପ୍ରିୟତା ଆଗରେ ବିଜେପିର ସରୋଜ ପ୍ରଧାନ ମଳିନ**

ନିର୍ବାଚନମଣ୍ଡଳୀରେ ଅନ୍ୟ ଦୁଇ ପ୍ରମୁଖ ଦଳ ବିଜେପି ଓ କଂଗ୍ରେସ ଥିଲେ ମଧ୍ୟ ପ୍ରଦୀପଙ୍କ ସହ ଲଢେଇ କରି ସବୁବେଳେ ପରାଜୟର ସମ୍ମୁଖୀନ ହେଉଛନ୍ତି। ୨୪ବର୍ଷର ରାଜନୈତିକକୁ ସମୀକରଣ କଲେ ଏଠାରେ ବିଜେଡି ହିଁ ତାର ଉତ୍ତମ ଫଳାଫଳ ରଖୁଛି। ୨୦୧୯ ସାଧରଣ ନିର୍ବାଚନରେ ପ୍ରଦୀପଙ୍କୁ ୬୧, ୫୩୬୭ଟି ଭୋଟ ମିଳିଥିଲା। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପାର୍ଥୀ ସୁଶାନ୍ତ ପ୍ରଧାନଙ୍କୁ ୫୧୦୮୮ ଏବଂ ସିପିଆଇକୁ ମାତ୍ର ୭୧୧୯ ଭୋଟ ମିଳିଥିଲା। ୨୪ ନିର୍ବାଚନରେ ମଧ୍ୟ ବିଜେଡି କିପରି ବିଜୟ ମୁକୁଟ ପିନ୍ଧିବ ସେନେଇ ବିଭିନ୍ନ ରଣନୀତି ଆପେଣେଇ ଥିବା ବେଳେ ଦିନକୁ ଦିନ ଲୋକଙ୍କ ନିକଟତର ହେଉଛନ୍ତି ପ୍ରଦୀପ। ଅନ୍ୟପକ୍ଷେ ଜିଲ୍ଲା କଂଗ୍ରେସ ସଭାପତି ଥିବା ନବ ମିଶ୍ର ଏଥର କଂଗ୍ରେସର ପ୍ରାର୍ଥୀ ହୋଇଛନ୍ତି। ନିର୍ବାଚନମଣ୍ଡଳୀରେ କଂଗ୍ରେସର ସ୍ଥିତି ବୁଡି ଯାଉଥିବା ବେଳେ ଭରା ନଈରୁ ଡଙ୍ଗା ଉଦ୍ଧାର କରିବାକୁ ଗାଁ ଗହଳିରେ କଂଗ୍ରେସ ଲୋକଙ୍କ ପାଖକୁ ପହଞ୍ଚୁଛି। କଂଗ୍ରେସର ବିଭିନ୍ନ ଜନ କଲ୍ୟାଣ ଯୋଜନା ଓ ୧୦ ଗ୍ୟାରେଣ୍ଟିକୁ ନେଇ ନବ ଭୋଟରଙ୍କ ନିକଟତର ହେବାରେ ଲାଗିଛନ୍ତି। ତେବେ ବିଜେପିରୁ ଏଥର ପ୍ରାର୍ଥୀ ହୋଇଥିବା ସରୋଜ ପ୍ରଧାନ ମଧ୍ୟ ପ୍ରଦୀପଙ୍କ ଲୋକପ୍ରିୟତା ଆଗରେ ମଳିନ ପଡ଼ିଛନ୍ତି।

■ କେବୁଲ ଚୋରି ଯୋଗୁଁ ଜଳଯୋଗାଣ ବ୍ୟବସ୍ଥା ଠପ୍

# ପାଣି ସମସ୍ୟାରେ କାଣ୍ଡେଲହସ୍ପିଟାଲ ପଡ଼ାବାସୀ



**କେସିଙ୍ଗା, ୧୩।୪(ସମିସ):** ଦୁଇ ବର୍ଷ ହେଲାଣି କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କାଣ୍ଡେଲ ହସ୍ପିଟାଲ ପଡ଼ାବାସୀ ପାଣି ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଗାଁରେ ଜଳ ଯୋଗାଣ ପାଇଁ ବସୁଧା ଯୋଜନା ମାଧ୍ୟମରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚରେ ହସ୍ପିଟାଲ ପଡ଼ାରେ ନିର୍ମାଣ ହୋଇଛି। ପ୍ରତି ଘର ସାମ୍ନାରେ ଷ୍ଟାଣ୍ଡପୋଷ୍ଟ ସ୍ଥାପନ କରି ଟ୍ୟାପ୍ ଲଗାଯାଇଛି। ହେଲେ ସାରା ଗାଁ ଭିତରକୁ ଜଳଯୋଗାଣବେଳେ କେବେ ପାଇପ୍ ଫାଟି ରାସ୍ତା ଉପରେ ପାଣି ଲହଡ଼ି ମାରୁଛି ତ ଆଉ କେବେ ମାସକୁ ଦୁଇ ବା ତତୋଧିକ ଥର କେବୁଲ ଚୋରି ଯୋଗୁଁ ଜଳଯୋଗାଣ ବ୍ୟବସ୍ଥା ଠପ୍ ହେଉଛି। ଏଭଳି ସ୍ଥିତିରେ କାଣ୍ଡେଲ ହସ୍ପିଟାଲ ପଡ଼ାବାସୀଙ୍କ ପାଇଁ ପାଇପ ପାଣି ସମସ୍ୟା ବଢ଼ିଛି। ଏନେଇ ଅନେକଥର ପଞ୍ଚାୟତ କର୍ମଚାରୀ ଓ ବ୍ଲକ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସେମାନେ ସମସ୍ୟାକୁ ହୃଦୟଙ୍ଗମ କରୁନାହାନ୍ତି ବୋଲି ପଡ଼ାବାସୀ ଅଭିଯୋଗ କରିଛନ୍ତି। ନିକଟରେ ପିଇବା ପାଣିର କୌଣସି ବିକଳ୍ପ ବ୍ୟବସ୍ଥା ନଥିବାରୁ ପଡ଼ାର ମହିଳାମାନେ ଘରଠୁ ପ୍ରାୟ ୧ କିଲୋମିଟର ଦୁରକୁ ଯାଇ ପାଣି ଆଣିଥାନ୍ତି। ଫଳରେ ପିଇବା ପାଣି ପାଇଁ ଡହଳବିକଳ ହେଉଛନ୍ତି ମହିଳାମାନେ। ଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ସାଧାରଣରେ ଦାବି ହୋଇଛି।



ବୀରମହାରାଜପୁର ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଓ ମେରିଡିଆନ ଭ୍ୟାଲି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି

# ଅଷ୍ଟପ୍ରହର ନାମଯଜ୍ଞ ନିମନ୍ତେ କଳସ ଯାତ୍ରା

**କୋକସରା, ୧୩।୪(ସମିସ):** କୋକସରା ବ୍ଲକ ଆମପାଣି ହନୁମାନ ମନ୍ଦିର ପରିସରରେ ରବିବାର ହନୁମାନ ଜୟନ୍ତୀ ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ଏଥିପାଇଁ ଶନିବାର କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଯାତ୍ରାରେ ଆମପାଣି, ଭାଲିଆଯୋର, କନ୍ଦାଗଡ଼, ତେଲିଗୁଡ଼ା ଆଦି ବିଭିନ୍ନ ଗ୍ରାମରୁ ମହିଳା ଓ ଯୁବତୀମାନେ ସାମିଲ ହୋଇ ହନୁମାନ ମନ୍ଦିର ନିକଟରୁ ଆମପାଣି ଜାନୀପଡ଼ା ସ୍ଥିତ ମୁଟୁରା ନଦୀକୂଳରେ ପହଞ୍ଚି ଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ଯଜ୍ଞକର୍ତ୍ତା ଉମେଶ ଚନ୍ଦ୍ର ସାହୁ ସପତ୍ନୀକ ସମେତ ଶତାଧିକ ମହିଳା ଓ ଯୁବତୀମାନେ ଜଳପୂର୍ଣ୍ଣ କଳସ ଧାରଣକରି ପ୍ରହରୀମଣ୍ଡପ ନିକଟରେ ପହଞ୍ଚି ଥିଲେ। ଏହି କଳସ ଯାତ୍ରାରେ ସ୍ଥାନୀୟ ଅଞ୍ଚଳରେ ସଂକୀର୍ତ୍ତନ ଦଳଗୁଡ଼ିକ ସାମିଲ ହୋଇଥିଲେ। ସୋମବାର ପ୍ରାତଃ ସକାଳୁ ନାମଯଜ୍ଞ ପୂର୍ଣ୍ଣାହୁତି ସହ ଦଧିହାଣ୍ଡି ଭଗ୍ନ ହେବା ନେଇ ସୂଚନା ରହିଛି।



# ଖଡ଼ିଆଳ ବିଧାନସଭା ନିର୍ବାଚନମଣ୍ଡଳୀରେ ଜମୁଛି ପ୍ରଚାର

**ନୂଆପଡ଼ା/ଖଡ଼ିଆଳ, ୧୩।୪(ସମିସ):** ଆଗକୁ ଖୁବ କମ ଦିନ ରହିଲା ପ୍ରାର୍ଥିପତ୍ର ନାମାଙ୍କନର ତିଥି। ଏହା ପୂର୍ବରୁ ନେତାମାନେ ଯେଝା ବାଟରେ ପ୍ରଚାର ଅଭିଯାନକୁ ତ୍ୱରାନ୍ୱିତ କରିବାରେ ଲାଗିଛନ୍ତି। ବିଜେଡି ଏବଂ ବିଜେପି ତରଫରୁ ପ୍ରାର୍ଥୀଙ୍କ ଟିକେଟ ଘୋଷାଣା ସରିଥିବାବେଳେ କଂଗ୍ରେସ ପକ୍ଷରୁ କୌଣସି ନିଷ୍ପତ୍ତି ହୋଇପାରିନାହିଁ। ଏଭଳିସ୍ଥିତିରେ ବିଜେଡି ଏବଂ ବିଜେପି ତରଫରୁ ପଚାର ଅଭିଯାନ ଚାଲିଛି। ଏହିକ୍ରମରେ ବିଜେଡିର ବିଧାୟକ ପ୍ରାର୍ଥୀ ଅଧିରାଜ ମୋହନ ପାଣିଗ୍ରାହୀ ନିଜର ଦଳୀୟ

**କଂଗ୍ରେସ ନେତାଙ୍କ ଦେଖାନାହିଁ**

ସମର୍ଥକଙ୍କ ସହ ଖଡ଼ିଆଳ ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରି ମାରାଥନ ପ୍ରଚାର କରିଛନ୍ତି। ଏଥିରେ ଖଡ଼ିଆଳ ବ୍ଲକର ନେହେନା, ଚିଚେର, ତୋର୍ଲି, ବିଛନାପାଲି, ଖମତରାଇ, ମହୁଲ କୋଟ, କୋଟାମାଲ, ରାନିମୁଣ୍ଡା, ସରଧାପୁର, ଡଙ୍କସର, ଡୁଆଝର ଆଦି ୧୧ରୁ ଉର୍ଦ୍ଧ୍ୱ ସ୍ଥାନରେ ପ୍ରଚାର କରିଛନ୍ତି। ସମସ୍ତଙ୍କ ନିକଟରେ ଦୁଇଟି ଶଙ୍ଖରେ ଭୋଟ ମାଗୁଥିବା ଦେଖାଯାଇଛି। ଉଭୟ ଲୋକ ସଭା ଏବଂ ବିଧାନସଭା ସକାଶେ ଭୋଟ ଦେବାକୁ ଭିକ୍ଷା କରୁଛନ୍ତି। ଅନ୍ୟପଟେ ବିଜେପି ତରଫରୁ ବିଧାୟକ ପ୍ରାର୍ଥୀ ହିତେଶ କୁମାର ବଗର୍ତି ମଧ୍ୟ ଘରକୁ ଘର ବୁଲି ଭୋଟ୍ ଭିକ୍ଷା କରୁଛନ୍ତି। ସେ ଶନିବାର ଦିନ ସିନାପାଲି ବ୍ଲକର ଶରଧାପୁର, ଘଣ୍ଟିଗୁଡ଼ା, ଲିଟିଗୁଡା, ଭରୁଆମୁଣ୍ଡା, ନୂଆପଡ଼ା ପଞ୍ଚାୟତର ବିଭିନ୍ନ ଗାଁ ବୁଲି ପ୍ରଚାର କରିଥିବା ଦେଖାଯାଇଛି। ଏଭଳିସ୍ଥିତିରେ କଂଗ୍ରେସ ନେତାଙ୍କ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦେଖା ଦର୍ଶନ ମିଳୁନାହିଁ। ତେବେ ଏହାର ଫାଇଦା ବିଜେଡି ଏବଂ ବିଜେପି କେତେଦୂର ନେଇପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

**ମନ ମୋହୁଛି ରଙ୍ଗ ବେରଙ୍ଗର ଫୁଲ**

# ଫୁଲ ଚାଷ କରି ଲାଭବାନ ହେଉଛନ୍ତି ମହିଳା

**ସୋନପୁର, ୧୩।୪(ସମିସ):** କିଛି ବର୍ଷ ପୂର୍ବରୁ ଫୁଲ ପାଇଁ କୋଲକାତା କିମ୍ବା ବେଙ୍ଗାଲୁରୁ ଉପରେ ନିର୍ଭର କରିବାକୁ ପଡୁଥିଲା। ବାହାଘର ଋତୁ ଆସିଲେ ଗେଣ୍ଡୁ ଫୁଲର ଦର କାହିଁରୁ କେତେ ବଢ଼ି ଯାଉଥିଲା। ଏବେ ସୋନପୁରରେ ପ୍ରାୟ ଆଉ ସେଭଳି ଅବସ୍ଥା ନାହିଁ। ବିଭିନ୍ନ ଗାଁରେ ମହିଳାମାନେ ଫୁଲଚାଷ କରିବା ପାଇଁ ଅଣ୍ଟା ଭିଡିଛନ୍ତି। ଜିଲ୍ଲା ପ୍ରଶାସନର ସହାୟତା ପାଇ ମହିଳାମାନେ ନିଜ ଉଦ୍ୟମ ସଫଳ କରିବାରେ ଲାଗିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାର କିଛି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଫୁଲ ଚାଷ କରି ବିଭିନ୍ନ ଉତ୍ସବରେ ଅଞ୍ଚଳରେ ଦେଖା ଦେଉଥିବା ଫୁଲର ଆବଶ୍ୟକତା ପୂରଣ କରି ପାରିଛନ୍ତି। ଏମାନଙ୍କ ଫୁଲ ଚାଷ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି। ମହିଳାମାନେ ନିଜର ପରିଶ୍ରମ ସହ ବୁଦ୍ଧି ଖଟାଇ ପରିବାର ପ୍ରତିପୋଷଣ କରିବାରେ ସମର୍ଥ ହୋଇ ପାରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଗାଁର ଏହି ମହିଳା ଫୁଲ ଚାଷୀଙ୍କ ଉଦ୍ୟମ ଖୁବ୍ ପ୍ରେରଣା ଦାୟକ। ଚୈତ୍ର ସକାଳରେ ଫୁଲ ବଗିଚାରେ ଘେରାଏ ବୁଲି ଆସିଲେ ମନ ଖୁସି ହୋଇ ଯାଉଛି। ସୁବର୍ଣ୍ଣପୁର ଜିଲ୍ଲା ସଦର ବ୍ଲକ ଡୁଙ୍ଗୁରିପାଲି ଗାଁ ନିକଟରେ ଥିବା ଏହି ଫୁଲ ବଗିଚା ଦେଖିବାକୁ ଖୁବ୍ ମନୋରମ। ଏସଏଚଜି ସଦସ୍ୟାମାନେ ନିଜେ ଶ୍ରମଦାନ କରି ଏଭଳି ସୁନ୍ଦର ଏକ ଫୁଲ କିଆରି କରି ସ୍ୱାବଲମ୍ବୀ ହେବାରେ ସମର୍ଥ ହୋଇଛନ୍ତି। ଗେଣ୍ଡୁ ଫୁଲ ସାଙ୍ଗକୁ ଗୋଲାପ ଫୁଲ ଚାଷ କରି ବଜାରରେ ଫୁଲ ବିକ୍ରି କରି ନିଜ ପରିବାର ପ୍ରତିପୋଷଣ କରିବାରେ ସେମାନେ ସଫଳ ହୋଇଛନ୍ତି। ପ୍ରତିଦିନ ସକାଳୁ ଏହି ବଗିଚାରେ କାମ କରିବା ସହିତ ଗେଣ୍ଡୁ ଓ ଗୋଲାପ ଫୁଲ ଉତ୍ପାଦନ କରି ନିକଟସ୍ଥ ବଜାରକୁ ବିକ୍ରି ପାଇଁ ପଠାଉଛନ୍ତି। ଡୁଙ୍ଗୁରିପାଲି ଗାଁର ୧୦ ଜଣ ମହିଳା ମିଶି ୨୦୧୦ରେ ଦଧିବାମନ ସ୍ୱୟଂ ସହାୟକ ଗୋଷ୍ଠୀ ଆରମ୍ଭ କରିଥିଲେ। ପରେ ମିଶନ ଶକ୍ତି ତରଫରୁ ସାହାଯ୍ୟ ପାଇ ଫୁଲ ଚାଷ କରିବାକୁ ସେମାନେ ମନସ୍ଥ କରିଥିଲେ। ପ୍ରାୟ ୩ ଏକର ଜମିରେ ଗେଣ୍ଡୁ ଫୁଲ ଚାଷ ଆରମ୍ଭ କରିଥିଲେ। ତା ପରେ ବଜାର ଚାହିଦାକୁ ଦେଖି ଗୋଲାପ ଫୁଲ ଚାଷ ମଧ୍ୟ ଆରମ୍ଭ କରିଥିଲେ। ଏବେ ଗେଣ୍ଡୁ ଓ ଗୋଲାପ ଫୁଲ ବିକ୍ରି କରି ଜଣେ ସଦସ୍ୟ ପିଛା ଗୋଟିଏ ଋତୁରେ ୨୦ରୁ ୨୫ ହଜାର ଟଙ୍କା ଆୟ କରୁଥିବା ନେଇ ଏମାନେ କହିଛନ୍ତି। ଏହି ରୋଜଗାରକୁ ନେଇ ସେମାନେ ବେଶ୍ ଖୁସି ବି ଅଛନ୍ତି।



# ଦିବ୍ୟାଙ୍ଗ ଆଲୋକଙ୍କୁ ବ୍ୟାଟେରୀ ଚାଳିତ ସାଇକଲ ଦେବାକୁ ଗ୍ରାମବାସୀଙ୍କ ଦାବି

**ଶଗଡ଼ା, ୧୩।୪(ସମିସ):** ସରକାର ସମସ୍ତ ଭିନ୍ନକ୍ଷମଙ୍କୁ ବିଭିନ୍ନ ପ୍ରକାରର ସରକାରୀ ସହାୟତା ଯୋଗାଇ ଦେବା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି; ହେଲେ ଦାୟିତ୍ୱରେ ଥିବା ଅଧିକାରୀମାନେ ନିଜ କାର୍ଯ୍ୟ ସମ୍ପାଦନରେ ଅବହେଳା କରୁଛନ୍ତି। ଏଣୁ ସରକାରଙ୍କ ଜନମଙ୍ଗଳକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚି ପାରୁନି। ଏଭଳି ଦାୟିତ୍ୱ ଶୂନ୍ୟ ଅଧିକାରୀମାନଙ୍କ ଲାଗି ସବୁଠି ଜନ ଅସନ୍ତୋଷ ସୃଷ୍ଟି ହେଉଛି। ଅନେକ ଭିନ୍ନକ୍ଷମ ଆଜି ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ଅଛନ୍ତି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ସୌରିବେଙ୍ଗେସ ଗ୍ରାମରେ ଏହାର ପ୍ରମାଣ ମିଳିଛି। ଏହି ଗାଁର ଆଲୋକ କର୍ମୀ (୧୩) ଜନ୍ମରୁ ୭୦ ପ୍ରତିଶତ ଦିବ୍ୟାଙ୍ଗ। ସେ ଜନ୍ମରୁ ଚଲାବୁଲା କରି ପାରୁନାହିଁ। ବର୍ତ୍ତମାନ ତାଙ୍କୁ ସରକାରଙ୍କ ତରଫରୁ ଏକ ୩ ଚକିଆ ସାଇକଲ ସହ ୧୦୦୦ ଟଙ୍କା ଭିନ୍ନକ୍ଷମ ଭତ୍ତା ମିଳୁଛି। ଆଲୋକ ବର୍ତ୍ତମାନ ଅଷ୍ଟମ ଶ୍ରେଣୀରେ ପାଠ ପଢୁଛନ୍ତି। ଗାଁରୁ ୧.୫କିମି ଦୂରରେ ପାଠ ପଢୁଛନ୍ତି। ତାଙ୍କ ଦୁଇ ଗୋଡ଼ ଅଚଳ ଥିବାରୁ ସେ ନିଜେ କୌଣସି କାର୍ଯ୍ୟ କରିପାରୁ ନାହାନ୍ତି। ପାଠ ପଢ଼ି ଯିବା ପାଇଁ ଅନ୍ୟର ସାହାଯ୍ୟରେ ଯାଉଛନ୍ତି। ସବୁ ସମୟରେ ତାଙ୍କୁ ଅନ୍ୟର ସାହାଯ୍ୟ ଲୋଡା ପଡୁଛି। ଏଣୁ ଆଲୋକଙ୍କୁ ଏକ ବ୍ୟାଟେରୀ ଚାଳିତ ସାଇକଲ ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।



# ଆଦିବାସୀଙ୍କୁ ଅଣଦେଖା ମହଙ୍ଗା ପଡ଼ିବ: ଆଦିବାସୀ ସଂଘ

**ନୂଆପଡ଼ା, ୧୩।୪(ସମିସ)**

ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଆଦିବାସୀ ସମାଜ ଦିନକୁ ଦିନ ସଂଗଠିତ ହେବାରେ ଲାଗିଛନ୍ତି। ଆଗାମୀ ନିର୍ବାଚନରେ ଆଦିବାସୀଙ୍କୁ ବିଜେପି ଏବଂ କଂଗ୍ରେସ ତରଫରୁ ଯେଉଁ ଅଣଦେଖା କରାଯାଇଛି ତାହା ମହଙ୍ଗା ପଡ଼ିବ ବୋଲି ଆଦିବାସୀ ସଂଘ ଦଳୀୟ ପ୍ରାର୍ଥୀଙ୍କୁ ଖୋଲା ଚେତାବନୀ ଦେଇଛନ୍ତି। ଆଗକୁ ଆଦିବାସୀ ଭୋଟର ହାରଜିତ ନିର୍ଣ୍ଣାୟକ କରିବ

**ନିର୍ଣ୍ଣାୟକ ହେବେ ଆଦିବାସୀ ଭୋଟର**

**ସଂଗଠିତ ହେଉଛନ୍ତି ଆଦିବାସୀ**

ବୋଲି ଆହ୍ୱାନ କରିଛନ୍ତି। ଆଦିବାସୀମାନେ ତାଙ୍କର ପ୍ରାର୍ଥୀଙ୍କୁ ମୈଦାନରେ ସିଂହଭଳି ଛିଡା କରାଇବେ ବୋଲି ସଙ୍କଳ୍ପ ନେଉଛନ୍ତି। ଶୁକ୍ରବାର ନୂଆପଡ଼ା ସଦର ବ୍ଲକରେ ବୈଠକ କରିଥିବାବେଳେ ଶନିବାର କୋମନା ବ୍ଲକ ମିଛାପାଲି ମଣ୍ଡି ପ୍ରାଙ୍ଗଣରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋମନା ବ୍ଲକ ଗୋଣ୍ଡ ସମାଜ ଉପସଭାପତି ସନ୍ତରାମ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଉପସଭାପତି ଖାମସିଂ ମାଝି, ସମ୍ମାନିତ ଅତିଥି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ତଥା ବିଧାୟକ ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝି, ଗୋଣ୍ଡ ସମାଜ ଜିଲ୍ଲା ସଭାପତି ଦିବ୍ୟସିଂ ମାଝି, ଜିଲ୍ଲା ପରିଷଦ ସଭ୍ୟ ଭାନୁପ୍ରତାପସିଂ ମାଝି, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ସୋମନାଥ ଖମାରୀ, ସରୋଜିନୀ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଆଜି ମଧ୍ୟ କୋମନା ବ୍ଲକର ୨୫ ସର୍କଲର ଆମାଦ, ରାଜ ଓ ଧୃ ଭଳି ୩ଟି ଗୋଣ୍ଡ ସମାଜର ଶତାଧିକ ପଦାଧିକାରୀ ଯୋଗଦେଇ ସ୍ୱାଧୀନ ପ୍ରାର୍ଥୀ ଘାସିରାମଙ୍କୁ ସମର୍ଥନ ଜଣାଇଥିଲେ। ଏହି ବିଧାନସଭାରେ ୧ଲକ୍ଷ ୩ହଜାର ଆଦିବାସୀ ଭୋଟର ଥିଲେ ବି ସେମାନଙ୍କୁ ସର୍ବଦା ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ବିଗତ ଦିନରେ ଦୁଇ ଦଶନ୍ଧି ଧରି ଦଳୀୟ ରାଜନେତା ରାଜୁତି କରି ଆଦିବାସୀଙ୍କ ମୌଳିକ ଅଧିକାରକୁ ଛଡାଇ ନେଇଛନ୍ତି। ଆଗାମୀ ଦିନରେ ଆଦିବାସୀଙ୍କ ନ୍ୟାୟ ଓ ଅଧିକାର ପାଇଁ ଜୋରଦାର ଲଢେଇ ହେବ ବୋଲି ଚେତାବନୀ ଦେଇଛନ୍ତି। ବିଗତ ଦିନରେ ଜିଲ୍ଲାର ୧୨ ଜାତିର ଆଦିବାସୀ ସମାଜ ଏକତ୍ରିତ ହୋଇ ଶକ୍ତିପ୍ରଦର୍ଶନ କରିବା ସହ ଘାସିରାମଙ୍କୁ ସ୍ୱାଧୀନ ପ୍ରାର୍ଥୀ ଘୋଷଣା କରିଥିଲେ। ଆଗାମୀ ନିର୍ବାଚନରେ ୩ପ୍ରମୁଖ ଦଳର ପ୍ରାର୍ଥୀଙ୍କ ବିରୋଧରେ ଆଦିବାସୀ ଲଢେଇ କରିବେ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ବିଜୟ ମୁକୁଟ ପିନ୍ଧାଇବାକୁ ଶପଥ ନେଇଛନ୍ତି। ବିଗତଦିନରେ ଆଦିବାସୀଙ୍କୁ ଅଣଦେଖାକୁ ବରଦାସ୍ତ କରାଯିବ ନାହିଁ। ଆଗାମୀ ଦିନରେ ସବୁ ରାଜନୈତିକ ଦଳକୁ ମହଙ୍ଗା ପଡ଼ିବ ବୋଲି ଖୋଲା ଚେତାବନୀ ଦେଇଛନ୍ତି। ଚଳିତ ବିଧାନସଭା ନିର୍ବାଚନରେ ଆଦିବାସୀ ଭୋଟର ପ୍ରାର୍ଥୀଙ୍କ ବିଜୟ ଓ ପରାଜୟ ପାଇଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଚାଲେଞ୍ଜ ଦେଇଛନ୍ତି। ଗତଦୁଇ ଦିନଧରି ନୂଆପଡ଼ା ଓ କୋମନା ବ୍ଲକରେ ଗୋଣ୍ଡୱାନା ଗୋଣ୍ଡ ସମାଜର ବ୍ଲକସ୍ତରୀୟ ସମ୍ମିଳନୀ କରି ଏକତାଭାବ ଜାଗ୍ରତ କରିଛି। ଯାହାକି ଆଗାମୀ ଦିନରେ ସବୁଦଳୀୟ ପ୍ରାର୍ଥୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିବ। ଏଠି ଆଦିବାସୀ ଏକତ୍ରିତ ହୋଇ ନିର୍ବାଚନ ଲଢ଼ିଲେ ସବୁ ଗଣିତ ଓଲଟପାଟ ହେବାର ସମ୍ଭାବନ ରହିଥିବା ରାଜନୈତିକ ସମୀକ୍ଷକ କହିଛନ୍ତି। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଚିତ୍ତରଞ୍ଜନ ବନଗୋଲା, କୋମନା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଭକ୍ତରାମ ଶବର, ନୂଆପଡ଼ା ବ୍ଲକ ଆଦିବାସୀ କଲ୍ୟାଣ ସଂଘ ସଭାପତି ଭକ୍ତବନ୍ଧୁ ଧରୁଆ, ଜଡାମୁଣ୍ଡା ସମିତିସଭ୍ୟ କନସନ ଧରୁଆ, ଆଦିବାସୀ ନେତା ଚମ୍ପାଲାଲ ମାଝି, କେଶବ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



# ମଦ ପାଉଚ ଜବତ, ୨ ଗିରଫ



**ତୁଷୁରା, ୧୩।୪(ସମିସ):** ତୁଷୁରା ଅବକାରୀ ବିଭାଗ ପକ୍ଷରୁ ୨ ଟି ସ୍ଥାନରେ ଚଡ଼ଉ କରି ୨ ଜଣଙ୍କ ଠାରୁ ୯୩ ଲିଟର ମଦ ଜବତ ସହିତ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେମୁହାଣର ଶିବ ଭୋଇ (୩୪)। ଏବଂ ଆଟଗାଁ ର ଦୀନମଣୀ ରଣା (୩୬)। ଶିବଙ୍କ ଠାରୁ ୮୦ ଲିଟର ଦେଶି ମଦ ପାଉଚ ଏବଂ ଦୀନମଣି ରଣାଙ୍କ ଠାରୁ ୧୩ ଲିଟର ଦେଶୀମଦ ପାଉଚ ଜବତ କରାଯାଇଛି। ଉଭୟଙ୍କୁ ଗିରଫ କରି କୋର୍ଟ ଫରୁଆଡ କରାଯାଇଛି ବୋଲି ଶନିବାର ଦିନ ତୁଷୁରା ଅବକାରୀ ବିଭାଗ ଓଆଇସି ଶ୍ରୀକାନ୍ତ ଜେନା ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ଆହତ ଦମ୍ପତିଙ୍କୁ ଉଦ୍ଧାର କଲା ସ୍ୱେଚ୍ଛାସେବୀ ସଂଗଠନ

**ବଲାଙ୍ଗିର, ୧୩।୪(ସମିସ):** ବଲାଙ୍ଗିର-ସମ୍ବଲପୁର ଜାତୀୟ ରାଜପଥ-୨୬ ଅଧୀନ ଶଙ୍କରଭୋଜି ନିକଟରେ ବାଇକ୍ ଆରୋହୀ ଦମ୍ପତିଙ୍କୁ ସାମନା ପଟୁ ଏକ ପିକ୍-ଅପ୍ ଭ୍ୟାନ ଧକ୍କା ଦେବାଫଳରେ ଉଭୟ ସ୍ୱାମୀ-ସ୍ତ୍ରୀ ଗୁରୁତର ଭାବେ ଆହତ ହୋଇ ରାସ୍ତାକଡ଼ରେ ପଡ଼ି ରହିଥିଲେ। ମିର୍ଦ୍ଧାପାଲି ନିବାସୀ ଦମ୍ପତି ମହତିଆ ଭୋଇ ଓ ଶାନ୍ତି ଭୋଇ ଏକ ବିବାହ ଉତ୍ସବରେ ଯୋଗ ଦେବା ପାଇଁ ମିର୍ଦ୍ଧାପାଲିରୁ ବାହାରି ସୁବର୍ଣ୍ଣପୁର ଜିଲ୍ଲା ବାଞ୍ଜିପାଲି ଅଭିମୁଖେ ଯିବା ରାସ୍ତାରେ ଏହି ଦୁର୍ଘଟଣାଟି ଘଟିଯାଇଥିଲା। ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସନ୍ତୋଷ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ଶତପଥୀ, ଲିଙ୍କନ ସେଠ ସ୍ଥାନୀୟଲୋକଙ୍କ ସହାୟତାରେ ଦୁର୍ଘଟଣାଗ୍ରସ୍ତ ଆହତ ଦମ୍ପତିଙ୍କୁ ରାସ୍ତାକଡ଼ରୁ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେହି ରାସ୍ତା ଦେଇ ଆସୁଥିବା ଜଣେ ବଦାନ୍ୟ ଡାକ୍ତର ସ୍ୱସ୍ତି ରେଖା ନାୟକ ସହଯୋଗ କରିଥିଲେ। ଦୁର୍ଘଟଣାରେ ସ୍ୱାମୀ-ସ୍ତ୍ରୀ ଉଭୟଙ୍କର ଗୋଡ଼ ଭାଙ୍ଗି ଯାଇଥିବା ବେଳେ ବର୍ତ୍ତମାନ ସେମାନେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସାଧୀନ ରହିଛନ୍ତି।

# ରାସ୍ତା ପାଇଁ ଆନ୍ଦୋଳନ, ଲଢେଇ କରି ସରପଞ୍ଚ

**ବଲାଙ୍ଗିର, ୧୩।୪(ସମିସ)**

ଗାଁ ପାଇଁ ନ ଥିଲା ଭଲ ରାସ୍ତା। ଯିବା ଆସିବାରେ ଲୋକେ ଭୋଗୁଥିଲେ ଯମଦଶା। ଅନେକଙ୍କ ପାଖରେ କାକୁତି ମିନତୀ ହେଉଥିଲେ ପଞ୍ଚାୟତବାସୀ। କିନ୍ତୁ କେହି ଶୁଣୁ ନ ଥିଲେ। ଲୋକେ କହିଥିଲେ ନିଜେ କିଛି କରିବାକୁ ପଡ଼ିବ। ଯେଉଁଥିପାଇଁ ପ୍ରତ୍ୟକ୍ଷ ରାଜନୀତିକୁ ଆସିଥିଲେ ବଲାଙ୍ଗିର ଜିଲ୍ଲା ପୁଇଁନ୍ତଳା ବ୍ଲକ ବୁଢ଼ୀସିଣ୍ଡୋଲ ଗାଁର ପୁରୁଷୋତ୍ତମ କମ୍ପ। ବର୍ତ୍ତମାନ ସେ ଜାମଗାଁ ପଞ୍ଚାୟତର ସରପଞ୍ଚ। ଯେଉଁ ରାସ୍ତା ତିଆରି କରାଇବାକୁ ସ୍ୱପ୍ନ ଦେଖିଥିଲେ। ସରପଞ୍ଚହେବାପରେ ସେହି ରାସ୍ତା ନିର୍ମାଣ କରାଇବାରେ ସଫଳ ହୋଇଛନ୍ତି ଶ୍ରୀ କମ୍ପ। ସରପଞ୍ଚ ଥିବା ସମୟରେ ଅନେକ ଉନ୍ନତୀମୂଳକ କାମ ଭିତରେ ଏହାକୁ ବଡ଼ ସଫଳତା ବୋଲି କହନ୍ତି ପଞ୍ଚାୟତବାସୀ।

ବଲାଙ୍ଗିର ଜିଲ୍ଲା ପୁଇଁନ୍ତଳା ବ୍ଲକ ଜାମଗାଁ ପଞ୍ଚାୟତ। ଉକ୍ତ ପଞ୍ଚାୟତରୁ ସରପଞ୍ଚଭାବେ ପୁରୁଷୋତ୍ତମ କମ୍ପ ଗତ ନିର୍ବାଚନରେ ବିଜୟୀ ହୋଇଥିଲେ। ଏହି ପଞ୍ଚାୟତ ଅଧୀନରେ ଜାମଗାଁ, ବୁଢ଼ୀସିଣ୍ଡୋଲ, ଭୁର୍ସିପାଲି ଓ କାଲିଭନା ରହିଛି। ୧୧ ଟି ୱାର୍ଡକୁ ନେଇ ଗଠିତ ହୋଇଥିବା ଏହି ପଞ୍ଚାୟତରେ ପ୍ରାୟ ୧୮ଶହରୁ ଉର୍ଦ୍ଧ୍ୱ ଭୋଟର ରହିଛନ୍ତି। ପଞ୍ଚାୟତରେ ବସବାସ କରୁଥିବା ଲୋକେ ପ୍ରାୟତଃ ଚାଷ କିମ୍ବା ଦିନମଜୁରିଆ ଭାବେ କାମ କରିଥାନ୍ତି। ଏହି ପଞ୍ଚାୟତର ଅଧିକ ଲୋକେ ବସବାସ କରୁଥିବା ଗାଁ ହେଉଛି ବୁଢ଼ୀସିଣ୍ଡୋଲ। କିନ୍ତୁ ପଞ୍ଚାୟତ ମୁଖ୍ୟାଳୟକୁ ସଂଯୋଗ କରିବା ପାଇଁ କୌଣସି ଭଲ ରାସ୍ତା ଟିଏ ନ ଥିଲା। ଯଦ୍ୱାରା ଲୋକେ ଯିବା ଆସିବା କରିବାରେ ଅନେକ ସମସ୍ୟା ଭୋଗୁଥିଲେ। ଏହି ରାସ୍ତା ପାଇଁ ଲୋକେ ସରକାରୀ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜନପ୍ରତିନିଧି ସମସ୍ତଙ୍କ ପାଖରେ ଗୁହାରୀ କରିଛନ୍ତି। ଏପରିକି ଏଥିପାଇଁ ଆନ୍ଦୋଳନ ମଧ୍ୟ କରିଛନ୍ତି। କିନ୍ତୁ ରାସ୍ତା ନିର୍ମାଣ କରିବାରେ କାହାରି ସହଯୋଗ ମିଳି ନ ଥିଲା। ଯାହାଫଳରେ ବର୍ତ୍ତମାନର ସରପଞ୍ଚ ପୁରୁଷୋତ୍ତମଙ୍କନିଜେ ସରପଞ୍ଚ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ସରପଞ୍ଚ ହେବାପରେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ମୁତାବକ ରାସ୍ତା କାମକୁ ଗୁରୁତ୍ୱ ଦେଇଥିଲେ। ତାଙ୍କର ପ୍ରୟାସ ଓ ଲୋକଙ୍କ ସହଯୋଗ ଯୋଗୁ ଏହି ରାସ୍ତା କାମ ଆରମ୍ଭ ହୋଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତା କାମ କରାଯାଉଥିବା ଜଣାପଡ଼ିଛି। ଏହା ତାଙ୍କ ପାଇଁ ଏକ ବଡ଼ ସଫଳତା ବୋଲି ଶ୍ରୀ କମ୍ପ କହିଛନ୍ତି। ଏହି ରାସ୍ତାକାମ ସହ ଗତ ଦୁଇ ବର୍ଷ ଭିତରେ ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ ଭାବେ ଗଢି ତୋଲିବା ପାଇଁ ପଞ୍ଚାୟତର ତୋରଣ ନିର୍ମାଣ ଚାଲୁ ରହିଛି। ସେହିପରି ବୁଢ଼ୀସିଣ୍ଡୋଲ ଗାଁରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଥିବା ବେଳେ ପଞ୍ଚାୟତର ସବୁ ଗାଁରେ ଷ୍ଟ୍ରିଟ୍ ଲାଇଟ ବ୍ୟବସ୍ଥା କରାଯାଇଛି। ଜାମଗାଁ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଏକ ଅତିରିକ୍ତ ଶ୍ରେଣୀକୋଠରିର ନିର୍ମାଣ କରାଯାଇଥିବା ବେଳେ ବୁଢ଼ୀସିଣ୍ଡୋଲ ଗାଁରେ ଗାଧୁଆ ତୁଠ ଓ ଖେଳପଡ଼ିଆ ନିର୍ମାଣ କରାଯାଇଛି। ସେହିପରି ଭୁର୍ସିପାଲି ଗାଁରେ ଖେଳପଡ଼ିଆ କାମ ହାତକୁ ନିଆଯାଇଥିବା ବେଳେ ଗାଁ ପୋଖରୀର ପୁନରୁଦ୍ଧାର କାମ ମଧ୍ୟ ଆରମ୍ଭ କରାଯାଇଥିବା ସରପଞ୍ଚ କହିଛନ୍ତି। ଜାମଗାଁରେ ଷ୍ଟେଜ ଓ ପୋଖରୀରେ ତୁଠ ନିର୍ମାଣ କାମ ଆରମ୍ଭ କରାଯାଇଛି। ସେହିପରି ଲୋକଙ୍କ ପାନୀୟ ଜଳ ସମସ୍ୟା ସମାଧାନ କରିବାରେ ମଧ୍ୟ ପଞ୍ଚାୟତର ବଡ଼ ଭୂମିକା ରହିଛି। ପୟତର ଭୁର୍ସିପାଲି ଓ କାଲିଭନାକୁ ଓଭରହେଡ ଟ୍ୟାଙ୍କରୁ ପାନୀୟ ଜଳ ଯୋଗାଣ କରାଯାଉଥିବା ବେଳେ ବୁଢ଼ୀସିଣ୍ଡୋଲ ଗାଁରେ ପଞ୍ଚାୟତ ପାଣ୍ଠିରୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ କରାଯାଉଛି। ଏହିଭଳି ଭାବେ ପଞ୍ଚାୟତର ସାମଗ୍ରିକ ବିକାଶ ଦିଗରେ ଦୃଷ୍ଟି ଦିଆଯାଇଥିବା ବେଳେ ନିର୍ବାଚନ ସମୟରେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାକୁ ସରପଞ୍ଚ ଶ୍ରୀ କମ୍ପ ଅଧିକ ଗୁରୁତ୍ୱ ପ୍ରଦାନ କରିଥିବା କହିଛନ୍ତି। ଏହା ପୂର୍ବରୁ ତାଙ୍କର ସମ୍ପର୍କୀୟ ସରପଞ୍ଚ ରହିଥିବା ବେଳେ ସେହି ସମୟରେ ମଧ୍ୟ ଅନେକ ଉନ୍ନତିମୂଳକ କାମ ହୋଇଥିଲା। ତାଙ୍କ ପରିବାର ୧୦ ବର୍ଷ ହେଲା ନିରନ୍ତର କରିଥିବା ପ୍ରୟାସର ସଫଳତା ଆଜି ମିଳିଥିବା କହିଛନ୍ତି। ତେବେ ଜାମଗାଁକୁ ଏକ ଉନ୍ନତ ଓ ଶସକ୍ତ ପଞ୍ଚାୟତ କରିବା ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଏହି ଅଭିଯାନ ଜାରି ରହିବ ବୋଲି ଶ୍ରୀ କମ୍ପ ପ୍ରତିକ୍ରିୟାରେ କହିଛନ୍ତି।

**ଗାଁ କହୁଛି ବିକାଶର କଥା। ଗାଁରୁ ପଞ୍ଚାୟତ ସବୁଠି ସୁଦୃଢ଼ ଓ ଉନ୍ନତ ଭିତ୍ତିଭୂମି ପୂରଣ କରିଛି ଲୋକଙ୍କ ଆଶା। ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ପାନୀୟଜଳ ଯୋଗାଣ ଠାରୁ ଆରମ୍ଭ କରି ନାରୀ ଜାଗରଣ। ସମସ୍ତ କ୍ଷେତ୍ରେରେ ସୁଧୁରିଛି ବ୍ୟବସ୍ଥା। ମାଁ ମାଟି ପାଇଁ କିଛି କରି ଦେଖାଇବାର ଲକ୍ଷ୍ୟ ନେଇ କର୍ତ୍ତବ୍ୟ ପଥରେ ଆଗେଇ ଚାଲିଛନ୍ତି ସରପଞ୍ଚ। ଏଭଳି କିଛି କାହାଣୀ କୁ ନେଇ 'ସକାଳ'ର ସ୍ୱତନ୍ତ୍ର ଉପସ୍ଥାପନା 'ସଶକ୍ତ ଓ ଉନ୍ନତ ଆମ ପଞ୍ଚାୟତ'।**

## ସଶକ୍ତ ଓ ଉନ୍ନତ ଆମ ପଞ୍ଚାୟତ ଜାମଗାଁ









# ବର୍ଦ୍ଧିତ ଦରମା ଦାବିରେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ

**ବଲାଙ୍ଗିର, ୧୩।୪(ସମିସ):** ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ପୁଣି ସଫେଇ କର୍ମଚାରୀଙ୍କ ଆନ୍ଦୋଳନ। ଶନିବାର ସଫେଇ କର୍ମଚାରୀ ମାନେ ଡାକ୍ତରଖାନା ବାହାରେ ବସି ଆନ୍ଦୋଳନ କରିଥିବା ବେଳେ ଡାକ୍ତରଖାନା ଅଧିକ୍ଷିକା ଆସି ତାଙ୍କ ସହ ଆଲୋଚନା କରିଥିଲେ। ସୋମବାର ଏହି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ପ୍ରତ୍ୟୁଷ ନାମକ ଏକ ସଂସ୍ଥାରେ ୧୭୦ ଜଣ ଆଉଟସୋର୍ସି ସଫେଇ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ରାଜ୍ୟ ସରକାର ଆଉଟସୋର୍ସି କର୍ମଚାରୀଙ୍କ ଦରମା ବଢ଼ାଇବା ନେଇ ଘୋଷଣା କରିଥିଲେ। କିନ୍ତୁ ଏହି ସଫେଇ କର୍ମଚାରୀମାନଙ୍କୁ ଉକ୍ତ ବର୍ଦ୍ଧିତ ଦରମା ପ୍ରଦାନ କରାଯାଇ ନ ଥିବା ଅଭିଯୋଗ କରିଥିଲେ। ଏହାର ସମାଧାନ କରିବା ପାଇଁ ଉଭୟ ଡାକ୍ତରଖାନା ପ୍ରଶାସନ ଓ ଆଉଟସୋର୍ସି ସଂସ୍ଥା କୌଣସି ପଦକ୍ଷେପ ନେଉ ନ ଥିବାରୁ ଶନିବାର ସକାଳୁ ଏହି କର୍ମଚାରୀମାନେ କାମ କରିବା ବଦଳରେ ଆନ୍ଦୋଳନରେ ବସିଥିଲେ। ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ବିଷୟରେ ଜାଣିବାପରେ ଅଧିକ୍ଷିକା ଡା. ମାନସୀ ପଣ୍ଡା ଆନ୍ଦୋଳନସ୍ଥଳକୁ ଆସି ଆଲୋଚନା କରିଥିଲେ। ଏ ବିଷୟରେ ଅଧିକ୍ଷିକା ଡା. ପଣ୍ଡାଙ୍କ କହିବା ଅନୁସାରେ ନିଯୁକ୍ତି ଦେଇଥିବା ସଂସ୍ଥା ଦରମା ବୃଦ୍ଧି ନେଇ ଲିଖିତ ଭାବେ ସୂଚନା ଦେଇନାହିଁ। ତାଙ୍କ ସହ ଆଲୋଚନା କରିବା ପରେ ସୋମବାର ସୁଦ୍ଧା ଏହାର ସମାଧାନ କରାଯିବ ବୋଲି ସେ କର୍ମଚାରୀମାନଙ୍କୁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



### ଚାନ୍ଦିନୀ ନିର୍ମାଣ ଓ ସିମେଣ୍ଟ ଚୌକିର ଟଙ୍କା ବାଟମାରଣା ଘଟଣା

# ଅଭିଯୋଗ ପରେ ସିମେଣ୍ଟ ଚୌକି ପକାଇଲେ ସରପଞ୍ଚ

**ଖପ୍ରାଖୋଲ, ୧୩।୪(ସମିସ) :** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ମାଟିଆଭଟା ଗ୍ରାମରେ ଚାନ୍ଦିନୀ ନିର୍ମାଣ ଓ ସିମେଣ୍ଟ ଚୌକି ବାବଦ ଟଙ୍କା ବାଟ ମାରଣା ଘଟଣା ହୋଇଥିବା ଅଭିଯୋଗ ବିଡିଓଙ୍କ ପାଖରେ ହୋଇଥିଲା। ଏହାପରେ 'ସକାଳ'ରେ ଖବର ପ୍ରକାଶ ପାଇବାପରେ ସରପଞ୍ଚ ପଞ୍ଚାୟତର କିଛି ସ୍ଥାନରେ ସିମେଣ୍ଟ ଚୌକି ଆଣି ପକାଇବା ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି। ଏହା ସହ କ୍ଲବର ସଦସ୍ୟଙ୍କୁ ଚାନ୍ଦିନୀ ଟଙ୍କା ପ୍ରଦାନ ପାଇଁ ଉଦ୍ୟମ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ହେଲେ ଚାନ୍ଦିନୀ ନିର୍ମାଣ ନ କରି ଓ ଚୌକି ନ ବିଛାଇ କେମିତି ବିଲ୍ ଉଠାଇଲେ ବୋଲି ପ୍ରଶ୍ନ ସୃଷ୍ଟି ହେଉଛି। ଏବେ ଘଟଣା ଟି ନୂଆ ରୂପ ନେଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଖପ୍ରାଖୋଲ ବ୍ଲକ ସମ୍ମୁଖ ନିମ୍ବଗଛ ମୂଳେ ଥିବା ସିମେଣ୍ଟ ଚୌକିର ଫଟୋ ବିଲ୍‌ରେ ଖଞ୍ଜି ଚୌକି ବାବଦ ଟଙ୍କା ବାଟମାରଣା କରିଥିବା ଅଭିଯୋଗ ହେଉଛି। ମଟିଆଭାଟା ପଞ୍ଚାୟତରେ ଚୌକି ଓ ଚାନ୍ଦିନୀ ବାବଦ ଟଙ୍କା ପିଓଙ୍କ ଆକାଉଣ୍ଟରେ ଉଠିଥିବା ଅନ୍‌ଲାଇନ ମାଧ୍ୟମରେ ଦେଖିବାକୁ ମିଳୁଛି। ଏହାସହ ବିଲ୍‌ରେ ଫଟୋ ମଧ୍ୟ ରହିଥିବା ଅଭିଯୋଗ ହେଉଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି।



# କେଜିବିଭି ଛାତ୍ରୀନିବାସରେ ପ୍ରବେଶ ଉତ୍ସବ



**ବଙ୍ଗୋମୁଣ୍ଡା, ୧୩।୪(ସମିସ):** ବଙ୍ଗୋମୁଣ୍ଡା ବ୍ଲକର କେଜିବିଭି ଛାତ୍ରୀ ନିବାସରେ ନବାଗତା ଛାତ୍ରୀମାନଙ୍କୁ ସ୍ୱାଗତ କରି ପ୍ରବେଶ ଉତ୍ସବ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଚିନ୍ତାମଣି ପ୍ରଧାନୀ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭବରେ ପରିଚାଳନା ସମିତିର ସଭାପତି ବଳକୃଷ୍ଣ ଭାଟି, ପ୍ରଧାନ ଶିକ୍ଷୟିତ୍ରୀ ମାନସୀ ସତ୍‌ନାମୀ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ହରିରାମ ସତନାମୀଙ୍କ ସଂଯୋଜନାରେ ବକ୍ତା ଭାବରେ ଶିକ୍ଷାବିତ ତଥା ସାମ୍ବାଦିକ ଅନୀଲ କୁମାର ଖମାରି ଯୋଗଦେଇ ଥିଲେ।

# ଦେଓଗାଁ ବ୍ଲକ : ନିର୍ବାଚନ ପାଇଁ ନେତାଙ୍କ କସରତ

**ଦେଓଗାଁ, ୧୩।୪(ସମିସ):** ବଲାଙ୍ଗିର ବିଧାନସଭା ଓ ଲୋକସଭା ପାଇଁ ମତଦାନ ପ୍ରାୟ ମାସେରୁ ଉର୍ଦ୍ଧ୍ୱ ସମୟ ରହିଥିବା ବେଳେ ଦେଓଗାଁ ବ୍ଲକ ଅଞ୍ଚଳରେ ଭୋଟରଙ୍କ ଆସ୍ଥାଭାଜନ ହେବାପାଇଁ ବିଭିନ୍ନ ଦଳର ନେତାଙ୍କ କସରତ ଆରମ୍ଭ ହୋଇଛି। ଏହି କ୍ରମରେ ଶନିବାର ବିଜେଡି ତରଫରୁ ଗାଁ ସଭା ମାଧ୍ୟମରେ ପ୍ରଚାର ଆରମ୍ଭ ହୋଇଛି। କଂଗ୍ରେସ ତରଫରୁ ବାଇକ୍ ରାଲି କରାଯାଇଛି। ବିଜେଡି ପକ୍ଷରୁ ସିକୁଆଁ, କୁତୁର୍ଲା ଓ ହାତିସରା ପଞ୍ଚାୟତର ସମସ୍ତ ଗାଁରେ ସଭା କରାଯାଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଗୁଡିକ ଉପରେ ଲୋକଙ୍କୁ ସଚେତନତା କରିବାସହ ବିଜେଡିକୁ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଭାବେ ବିଜୟୀ କରିବାପାଇଁ ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ, ଜିଲ୍ଲା ପରିଷଦ ସଭ୍ୟା ମମତା କୁମୁରା, ସୁମତୀ ସେଠ ତଥା ଉପସ୍ଥିତ ନେତୃବୃନ୍ଦ ନିବେଦନ କରୁଥିବା ଦେଖିବାକୁ ମିଳିଛି।



# କାଠ ମାଫିଆଙ୍କ କବ୍‌ଜାରେ ଠେଲକୋଛାପର ସଂରକ୍ଷିତ ଜଙ୍ଗଲ

**ପାଟଣାଗଡ଼, ୧୩।୪(ସମିସ)**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ରେଞ୍ଜ ଅଧୀନସ୍ଥ ଲରମ୍ଭା ସେକ୍ସନ ଅଧୀନରେ ଥିବା ଠେଲକୋଛାପର ସଂରକ୍ଷିତ ଜଙ୍ଗଲ ଏବେ କାଠ ମାଫିଆଙ୍କ କବ୍‌ଜାରେ। ଏହି ସଂରକ୍ଷିତ ଜଙ୍ଗଲରେ ଅନେକ ମୂଲ୍ୟବାନ ଗଛ ରହିଥିବାରୁ କାଠ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି ଏହି ଜଙ୍ଗଲ ଉପରେ।

### ଜଙ୍ଗଲ ବିଭାଗ ଜାଣିଶୁଣି ଚୁପ୍ ରହୁଥିବା ଅଭିଯୋଗ

କିଛିବର୍ଷ ପୂର୍ବରୁ ଏହି ଜଙ୍ଗଲ ଗଛଲତାରେ ପରିପୂର୍ଣ୍ଣ ଥିଲା କିନ୍ତୁ କାଠ ମାଫିଆଙ୍କ ଯୋଗୁଁ ଏହି ସଂରକ୍ଷିତ ଜଙ୍ଗଲ ଲଣ୍ଡା ହେବା ସହ ଅସୁରକ୍ଷିତ ହୋଇପଡ଼ିଛି। ଦିନ ଦ୍ୱିପ୍ରହରରେ ଏଠାରୁ ମାଫିଆମାନେ ମୂଲ୍ୟବାନ ଗଛ ସବୁ ଚାଲାଣ କରୁଛନ୍ତି କିନ୍ତୁ ଜଙ୍ଗଲବିଭାଗ ଜାଣି ନ ଜାଣିଲା ଭଳି ପରୋକ୍ଷରେ ସହଯୋଗ କରୁଛି। ଏହି ଜଙ୍ଗଲରୁ ମୂଲ୍ୟବାନ ଗଛ ସବୁ ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ପରେ କିଛି ସ୍ଥାନୀୟଲୋକଙ୍କ ସହାୟତାରେ ଆମେ ଏଠାରେ ପହଞ୍ଚିଥିଲୁ। ଜଙ୍ଗଲରେ ରହିଥିବା ଲାବେନ ଜଙ୍ଗଲ, ଅନ୍ଧାରି ଜଙ୍ଗଲ, ମହଦା ଜଙ୍ଗଲ, କାଲି ଡୁଙ୍ଗୁରି, ଡାଲଖାଇବଙ୍ଗର, ଭୁଆସେନ ଡୁଙ୍ଗୁରି, ଚିପାମରଡ଼ା ଘାଟି, ଜାମଝରଣ, କଙ୍କରାଝରଣ, ଦାବଲିଆଟ ଆଦି ଅଞ୍ଚଳରୁ କାଠ ମାଫିଆ ଖଇର, କେନ୍ଦୁ ଓ କୁରୁଲ ଆଦି ମୂଲ୍ୟବାନ ଗଛ ସବୁ କାଟି ଚାଲାଣ କରୁଛନ୍ତି। ଲାବେନ ଜଙ୍ଗଲ, ଅନ୍ଧାରି ଡୁଙ୍ଗରି, ମହଦା ଜଙ୍ଗଲ, କଙ୍କରା ଝରଣ ଆଦି ସ୍ଥାନରେ ଏବେ ମଧ୍ୟ କେନ୍ଦୁ ମଞ୍ଜ ଓ ଖଇର ମଞ୍ଜ କଟାଯାଇ ଚୋରା ଚାଲାଣ ପାଇଁ ରଖାଯାଇଥିବା ଦେଖିବାକୁ ମିଳିଛି। ଏହି ଜଙ୍ଗଲର ଆଖପାଖରେ ଆଦିବାସୀ ଅଧ୍ୟୁଷିତ ଗ୍ରାମଗୁଡ଼ିକ ରହିଛି। ଆଦିବାସୀମାନେ ଏହି ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ନିଜ ଗୁଜୁରାଣ ମେଣ୍ଟାଇଥାନ୍ତି କିନ୍ତୁ କାଠ ମାଫିଆଙ୍କ ଦୌରାତ୍ମ୍ୟ ଯୋଗୁଁ ମୂଲ୍ୟବାନ ଗଛଗୁଡ଼ିକ ନଷ୍ଟ ହେବା ଫଳରେ ଆଦିବାସୀଙ୍କ ଗୁଜୁରାଣ ଉପରେ ମଧ୍ୟ ପ୍ରଭାବ ପଡୁଥିବା ଅଭିଯୋଗ କରିଛନ୍ତି। କିଛିସ୍ଥାନୀୟ ଲୋକଙ୍କ ପ୍ରତିକ୍ରିୟା ନେବାରୁ ଏହି ଜଙ୍ଗଲରୁ କେନ୍ଦୁ, ଖଇର ଓ କୁରୁଲ ଆଦି ମୂଲ୍ୟବାନ ଗଛ ସବୁ କାଠ ମାଫିଆ ସ୍ଥାନୀୟ କିଛି ଲୋକଙ୍କ ସହାୟତାରେ କାଟି ଚାଲାଣ କରନ୍ତି। ଅନ୍ୟପଟେ ବିଶ୍ୱସ୍ତସୂତ୍ରରୁ ଖବର ମିଳିଛି ଯେ ଦମେଇ, ଦେଶଣ୍ଡ, ସୁଲିଆମାଳ, ଦମକିପାଲି ଅଞ୍ଚଳର କାଠ ମାଫିଆ ସ୍ଥାନୀୟ କିଛି ଦଲାଲକୁ ଧରି ଜଙ୍ଗଲରୁ ଏହି ଚୋରା କାଠ ଚାଲାଣ କରୁଛନ୍ତି ଓ ବିଭାଗୀୟ କର୍ମଚାରୀଙ୍କ ସହିତ ମଧ୍ୟ ସମ୍ପୃକ୍ତି ରହିଛି। ଟ୍ରକ ପିଛା ଚାରିରୁ ପାଞ୍ଚ ଲକ୍ଷ ଓ ପିକଅପ ପିଛା ଦେଢ଼ରୁ ଦୁଇ ଲକ୍ଷ ଆନୁମାନିକ ମୂଲ୍ୟ ବିକ୍ରି କରୁଥିବା ସୂଚନା ମିଳିଛି। ପ୍ରତିମାସରେ ତିନିରୁ ଚାରିଥର ଏହି ଜଙ୍ଗଲରୁ ମାଫିଆମାନେ କାଠ ଚୋରାଚାଲଣ କରୁଥିବାଲୋକେ କହୁଛନ୍ତି। ସାଧାରଣଲୋକେ ଜାଳେଣି ପାଇଁକାଠ ଆଣିଲେ ବିଭାଗୀୟ କର୍ମଚାରୀ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି କିନ୍ତୁ ବଡ଼ ବଡ଼ କାଠ ମାଫିଆଙ୍କୁ ଛାଡି ଦେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ବିଷୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।



# କଂଗ୍ରେସ ରାଲି ସମୟରେ ୟୁଥ୍ ଆକ୍ସନ କମିଟି ସହ କଥା କଟାକଟି



**ବଲାଙ୍ଗିର, ୧୩।୪(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକରେ କଂଗ୍ରେସ ପକ୍ଷରୁ ଶନିବାର ବାଇକ୍ ରାଲି କରାଯାଇଥିଲା। ରାଲି ଆରମ୍ଭ ହେବା ପୂର୍ବରୁ କର୍ମକର୍ତ୍ତାମାନେ ଦେଓଗାଁ ବସ୍‌ଷ୍ଟାଣ୍ଡ ସ୍ଥିତ ପେଟ୍ରୋଲପମ୍ପ ଠାରେ ଗାଡ଼ିରେ ପେଟ୍ରୋଲ ଭରିବା ସମୟରେ ସ୍ଥାନୀୟ ୟୁଥ୍ ଆକ୍ସନ କମିଟିର କର୍ମକର୍ତ୍ତାମାନେ ସ୍ଥାନୀୟ ନେତୃବର୍ଗଙ୍କୁ 'ନୋ-ରେଳ ନୋ-ଭୋଟ' ଆନ୍ଦୋଳନକୁ ସହଯୋଗ କରି ପୂର୍ବ ନିଷ୍ପତ୍ତି କ୍ରମେ ରାଲିରେ ସାମିଲ ନ ହେବାପାଇଁ ଅନୁରୋଧ କରିଥିଲେ। ତେବେ ଏହାକୁ ନେଇ ଦେଓଗାଁର କିଛି କଂଗ୍ରେସ ନେତୃବର୍ଗ ଏହାକୁ ବିରୋଧ କରିବାସହ ଦଳୀୟ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଜିଦ୍ ଧରିଥିଲେ। ଏହାକୁ ନେଇ କିଛି ସମୟ ପର୍ଯ୍ୟନ୍ତ କମିଟି କର୍ମକର୍ତ୍ତା ଓ ସ୍ଥାନୀୟ କଂଗ୍ରେସ ନେତୃବର୍ଗ ଙ୍କ ମଧ୍ୟରେ ତୁ ତୁ ମେମେ ଲାଗିରହିଥିବା ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଘୁରିବୁଲୁଛି।

# ଅସମ୍ଭାଳ ହେଲାଣି ବିଜେପିର ଘର କଳି

**ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ**

## ରଘୁନାଥ ଜଗଦଲାଙ୍କୁ ଆନନ୍ଦ ବାରିକ ସମର୍ଥକଙ୍କ ତୀବ୍ର ବିରୋଧ




- କୁହୁଳୁଥିବା ଅସନ୍ତୋଷ ନିଆଁ ଉଗ୍ର ରୂପ ଧାରଣ କଲା
- ଟିକଟ ବଣ୍ଟନ ନେଇ ବିଜେପିରେ ଅସନ୍ତୋଷ
- ପ୍ରାର୍ଥୀ ପରିବର୍ତ୍ତନ ଦାବିରେ ଶତାଧିକ କର୍ମୀଙ୍କ ବଲାଙ୍ଗିର ଯାତ୍ରା
- ଆନନ୍ଦଙ୍କୁ ଟିକଟ ନ ଦେଲେ ପରିସ୍ଥିତି ଜଟିଳ ହେବ ବୋଲି ଚେତାବନୀ

**ସୋନପୁର/ବୀରମହାରାଜପୁର,୧୩।୪(ସମିସ):** ବିଜେପି ପକ୍ଷରୁ ଟିକଟ ବଣ୍ଟନ ପରେ କୁହୁଳୁ ଥିବା ଅସନ୍ତୋଷର ନିଆଁ ଉଗ୍ର ରୂପ ଧାରଣ କରିଛି। ପ୍ରାର୍ଥୀ ବଦଳାଇବା ଦାବିରେ ଶତାଧିକ ବିଜେପି କର୍ମୀ ଓ ନେତା ସୋନପୁରରୁ ବଲାଙ୍ଗିର ଯାତ୍ରା କରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଗତ ନିର୍ବାଚନର ପରାଜିତ ପ୍ରାର୍ଥୀ ରଘୁନାଥ ଜଗଦଲାଙ୍କୁ ବିଜେପି ପ୍ରାର୍ଥୀ କରିଛି। ରଘୁନାଥଙ୍କ ଟିକଟ ବଦଳାଇ ଆନନ୍ଦ ବାରିକଙ୍କୁ ଟିକଟ ଦେବା ପାଇଁ ତାଙ୍କର ଶତାଧିକ ସମର୍ଥକ ସୋନପୁରରୁ ବଲାଙ୍ଗିର ଯାଇଛନ୍ତି। ୫୦ରୁ ଅଧିକ କାର୍ ଏବଂ ବୋଲେରୋରେ ୫୦୦ ବିଜେପି କର୍ମୀ ବଲାଙ୍ଗିର ଯାଇଛନ୍ତି। ବଲାଙ୍ଗିର ଗସ୍ତରେ ଥିବା ଦଳୀୟ ପର୍ଯ୍ୟବେକ୍ଷକ ବିଜୟପାଲ ସିଂହ ତୋମାର, ସାଂସଦ ପ୍ରାର୍ଥୀ ସଂଗୀତା ସିଂହଦେଓ ଏବଂ କେଭି ସିଂହଦେଓଙ୍କୁ ଏମାନେ ଭେଟିବେ। ନିଷ୍ପତ୍ତି ବଦଳାଇ ଆନନ୍ଦ ବାରିକଙ୍କୁ ଦଳୀୟ ଟିକଟ ପ୍ରଦାନ ପାଇଁ ସମର୍ଥକ ଦାବି କରବେ। ଗତ ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋନପୁରରେ ନିର୍ବାଚନୀ ସଭା କରି ମଧ୍ୟ ରଘୁନାଥ ଶୋଚନୀୟ ପରାସ୍ତ ହୋଇଥିଲେ ବୋଲି ଆନନ୍ଦ ବାରିକ କହିଛନ୍ତି। ସଂଗଠନ ସହ ସଂପୃକ୍ତ ନ ଥିବା ଜଣେ ବ୍ୟକ୍ତିଙ୍କୁ ଟିକଟ ଦେଇଥିବାରୁ ବିଜେପି କର୍ମୀଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଛି ବୋଲି ଆନନ୍ଦ କହିଛନ୍ତି। ଟିକଟ ବଦଳାଇବା ପାଇଁ ସ୍ୱଇଚ୍ଛାରେ କର୍ମୀମାନେ ବଲାଙ୍ଗିର ଯାଉଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ବୀରମହାରାଜପୁରରେ ଆମେ ବିଜେପିର ମୂଳଦୁଆ ପକାଇ ଆନନ୍ଦଙ୍କ ପାଇଁ ଦିନରାତି ଲାଗିଥିବା ବେଳେ ଅନ୍ୟମାନେ ଟିକଟ ପାଇବେ ଏହା ଚଳିବ ନାହିଁ ବୋଲି କିଛି କର୍ମୀ କହିଛନ୍ତି। ଯଦି ଆନନ୍ଦଙ୍କ କଥା ଓଡିଶା ପ୍ରଭାରୀ ନ ଶୁଣନ୍ତି ଓ ଟିକଟ ନ ମିଳେ ତାହା ହେଲେ ରଘୁନାଥଙ୍କୁ ଘୋର ବିରୋଧ କରାଯିବ ବୋଲି ଆନନ୍ଦଙ୍କ ସମର୍ଥକ ଚେତାବନୀ ଦେଇଛନ୍ତି। ତେବେ ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରାର୍ଥୀଙ୍କ ବିରୋଧରେ ଆଶାୟୀ ପ୍ରାର୍ଥୀଙ୍କ ଯୁଦ୍ଧଂଦେହି ଡାକରା ବିଜେପି ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ବଲାଙ୍ଗିର ବିଜେପି ସାଂସଦ ପ୍ରାର୍ଥୀଙ୍କ ବିରୋଧରେ ମେଳି

- ବଳରାମ ହେବେ ବିଜେପିର ବିଦ୍ରୋହୀ ପ୍ରାର୍ଥୀ
- ବିଭିନ୍ନ ଅଞ୍ଚଳ ବୁଲି ସଂପର୍କ ରକ୍ଷା



**ସୋନପୁର/ବୀରମହାରାଜପୁର, ୧୩।୪ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାରେ ଏବେ ଗୋଟିଏ ଚର୍ଚ୍ଚା ବିଜେପି ପାଇଁ ବିଦ୍ରୋହୀ ପ୍ରାର୍ଥୀ ସାଜିବେ ବଳରାମ ଯାଦବ। ଶନିବାର ଜିଲ୍ଲାର ବିଭିନ୍ନ ଅଞ୍ଚଳ ଗସ୍ତ କରି ଜନସଂପର୍କ ରକ୍ଷା କାର୍ଯ୍ୟକ୍ରମରୁ ଏକଥା ସ୍ପଷ୍ଟ ଯେ ବଳରାମ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ। ବଲାଙ୍ଗିର ସଂସଦୀୟ କ୍ଷେତ୍ର ପାଇଁ ବିଜେପି ଟିକଟ ଆଶାୟୀ ଥିଲେ ବଳରାମ। ଦଳ କିନ୍ତୁ ସଙ୍ଗୀତା ସିଂଦେଓଙ୍କୁ ଟିକଟ ଦେବା ପରେ ଅସନ୍ତୋଷ କୁହୁଳୁଛି। ବଳରାମ ଓ ତାଙ୍କ ସମର୍ଥକ ସହଜେ ସଙ୍ଗୀତାଙ୍କୁ ଗ୍ରହଣ କରି ପାରୁ ନାହାନ୍ତି। ଏଣୁ ବଳରାମ ଏବେ ନିଜେ ବିଭିନ୍ନ ଅଞ୍ଚଳ ବୁଲି ଜନ ସମ୍ପର୍କ ଆରମ୍ଭ କରିଛନ୍ତି। ସଙ୍ଗୀତାଙ୍କ ବିରୋଧରେ ସେ ବିଦ୍ରୋହୀ ପ୍ରାର୍ଥୀ ହେବା ଏଥିରୁ ସ୍ପଷ୍ଟ। ଶନିବାର ସକାଳୁ ବଳରାମ ସିଂ ଯାଦବ ବୀରମହାରାଜପୁର ବ୍ଲକ ଟିକ୍ରାପଡ଼ା, କମିରା, ଆମ୍ବସରଭଟା ଆଦି ଗାଁକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ସହ ଏହି କାର୍ଯ୍ୟକ୍ରମରେ ବିଜେପିର ପୂର୍ବତନ ଜିଲ୍ଲା ସଭାପତି ବଳଦେବ ବେଦବାକ, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ସୁରେଶ ମିଶ୍ର, ଦିଲ୍ଲୀପ ପୁରୋହିତ, ମହେନ୍ଦ୍ର ମହାଲିକ, ରାଜେଶ ସେଠୀ, ପ୍ରକାଶ ପାଢ଼ୀ, ଶିର୍ଣବାସ ଚାନ୍ଦ, ବାପି ଦାସ, ମୁକେସ ବାବୁ ପ୍ରମୁଖ ସାମିଲ ଥିଲେ। ଆଗାମୀ ନିର୍ବାଚନରେ ବଳରାମ ସିଂ ଯାଦବ ବଲାଙ୍ଗୀର ଲୋକସଭା ନିର୍ବାଚନ ମଣ୍ଡଳୀରେ ଚାଲିଥିବା ତଥାକଥିତ ରାଜାରାଣୀ ଶାସନ ବିରୁଦ୍ଧରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବା ପାଇଁ ଲୋକଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ତେବେ ଏଠାକାର ସାଂସଦ ପାଞ୍ଚବର୍ଷ ଧରି କେବେ କୌଣସି ଗ୍ରାମକୁ ଯାଇନାହାନ୍ତି ବୋଲି ବଳରାମ ଅଭିଯୋଗ କରିଥିଲେ।

## ବିଜେଡିରେ ଯୋଗଦେଲେ ବିଜେପି କର୍ମୀ



**ଡୁଙ୍ଗୁରିପାଲି,୧୩।୪(ସମିସ):** ସାରା ରାଜ୍ୟରେ ଏବେ ସାଧାରଣ ନିର୍ବାଚନ ପାଇଁ ରାଜନୈତିକ ଉଷ୍ମତା ଦେଖାଦେଲାଣି। ସୁବର୍ଣ୍ଣପୁର ଜିଲ୍ଲାରେ ମଧ୍ୟ ସମସ୍ତ ଦଳ ପ୍ରଚାରକୁ ଜୋରଦାର୍ କରିଛନ୍ତି। ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ ଡୁଙ୍ଗୁରିପାଲି ବ୍ଲକ ଲିଙ୍ଗମାନିଳଠାରେ ଡୁଙ୍ଗୁରିପାଲି ଜୋନ୍‌ସ୍ତରୀୟ ବିଜୁ ଯୁବ ଓ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡ଼ି ବିଧାୟକ ପ୍ରାର୍ଥୀ ତଥା ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗ ଦେଇ ସମାବେଶକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ମକର୍ଦ୍ଧଜ ସାହୁ, ବ୍ଲକ ସଭାପତି ହିମାଂଶୁ ଶେଖର ବିଶ୍ୱାଳ, ବ୍ଲକ ଯୁବ ସଭାପତି ଧର୍ମେନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ। ଏହି ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଚେରୁପାଲି ଓ ଲିଙ୍ଗମାଣ୍ଡି ପଞ୍ଚାୟତର ଅନେକ ବିଜେପି କର୍ମୀ ଓ ଅନ୍ୟ ଦଳର କର୍ମକର୍ତ୍ତା ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି।

**ଫଟୋ ଖବର**



ବୌଦ୍ଧ ଜିଲ୍ଲା ବାଉଁଶୁଣିସ୍ଥିତ ୱାଇସିଡିଏରେ ଅନୁଷ୍ଠିତ ଦୁଇ ଦିନିଆ ବାର୍ଷିକ ସମ୍ମିଳନୀରେ ସାମିଲ ହୋଇଥିବା ଅଂଶଗ୍ରହଣକାରୀ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ବୀରମହାରାଜପୁର,୧୩।୪(ସମିସ):** ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଓ ମେରିଡିଆନ ଭ୍ୟାଲି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୀରମହାରାଜପୁର ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଭୂଷଣ ପାତ୍ର ମୁଖ୍ୟଅତିଥି, ସାମ୍ବାଦିକ ସତ୍ୟବାନ ପୁରୋହିତ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାର୍କଣ୍ଡେଶ୍ୱର ମିଶ୍ର ଓ ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ପୁରନ୍ଦର ପୁରୋହିତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବକ୍ତାମାନେ ସମୟୋପଯୋଗୀ ଏବଂ ଗୁଣାତ୍ମକ ଶିକ୍ଷା ତଥା ଗୁରୁ-ଶିଷ୍ୟଙ୍କ ମଧ୍ୟରେ ସୁସମ୍ପର୍କ ରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସ୍କୁଲର ଅଧ୍ୟକ୍ଷ ବିକ୍ରମ ପୁରୋହିତ ଓ ପବ୍ଲିକ ସ୍କୁଲର ଅଧ୍ୟକ୍ଷା ସଙ୍ଗୀତାରାଣୀ ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପାରମ୍ପରିକ ଖାଦ୍ୟ ପୂରନୀ କନ୍ଦା



**ବୌଦ୍ଧ,୧୩।୪(ସମିସ):** ପଦ୍ମ ଫୁଲ ଏକ ଜଳଜ ଉଦ୍ଭିଦ ହୋଇଥିବା ବେଳେ ଏହାର ଯେଉଁ ଅଂଶ ମାଟି ଭିତରେ ଥାଏ ତାହାକୁ ପୂରନୀ କନ୍ଦା କୁହାଯାଏ। ଗ୍ରୀଷ୍ମ ଋତୁରେ ଯେଉଁ ପଦ୍ମ ପୋଖରୀ ଶୁଖିଯାଏ ସେଠାରେ ମାଟି ଖୋଳି ଏହାକୁ ସଂଗ୍ରହ କରାଯାଏ । ପ୍ରାୟ ଏକ ଇଞ୍ଚରୁ ଦେଢ଼ ଇଞ୍ଚ ବ୍ୟାସ ବିଶିଷ୍ଟ ଟ୍ୟୁବ୍ ଆକୃତିର ଈଷତ ମାଟିଆ ରଙ୍ଗର ଏହି ଲମ୍ବାଳିଆ ପଦାର୍ଥକୁ ଖାଦ୍ୟ ରୂପରେ ମଧ୍ୟ ବ୍ୟବହାର କରାଯାଏ। କିଛି ଲୋକ ଏହାକୁ କଞ୍ଚାରେ ଚୋବେଇ ଖାଆନ୍ତି। ଖରାଦିନେ ଏହାଦ୍ୱାରା ପେଟ ଥଣ୍ଡା ରହେ ବୋଲି ବିଶ୍ୱାସ କରାଯାଏ। ସ୍ଥାନୀୟ ବଜାରରେ ପ୍ରାୟ ୧ ଫୁଟ ଲମ୍ବର ୬ରୁ ୭ ଖଣ୍ଡ ପୂରନୀ କନ୍ଦା ବିଡ଼ା ପ୍ରତି ୧୦ରୁ ୨୦ ଟଙ୍କାରେ ବିକ୍ରି ହୁଏ। ପଡୋଶୀ ଜିଲ୍ଲାକୁ ମଧ୍ୟ ସ୍ଥାନୀୟ ବଜାରରୁ ପୂରନୀ କନ୍ଦା ଯୋଗାଣ କରାଯାଏ। ଗ୍ରୀଷ୍ମ ଋତୁର ଆରମ୍ଭରେ ଗାଡ଼ିଆ, ପୋଖରୀର ପାଣି ଶୁଖିଯିବା ପରେ ଏହା ମିଳିବା ଆରମ୍ଭ ହୋଇଥାଏ। ଗ୍ରୀଷ୍ମ ଋତୁର ଶେଷ ଆଡକୁ ଏହା ଅପେକ୍ଷାକୃତ ଅଧିକ ପରିମାଣରେ ମିଳିଥାଏ। ତେବେ ପୂରନୀ କନ୍ଦା ସଂଗ୍ରହ କରିବା ପାଇଁ ସ୍ୱତନ୍ତ୍ର କୌଶଳର ଆବଶ୍ୟକତା ରହିଥାଏ। ପଦ୍ମ ପୋଖରୀ ଶୁଖି ଯିବାପରେ କୁଶଳୀ ଲୋକେ ମାଟି ଭିତରୁ ଏହାକୁ ଖୋଳି ବାହାର କରନ୍ତି। ତାପରେ ଭଲ ଭାବେ ଧୋଇ ନିର୍ଦ୍ଦିଷ୍ଟ ଦୈର୍ଘ୍ୟରେ କାଟି ବିଡା ବାନ୍ଧି ସ୍ଥାନୀୟ ବଜାରରେ ବିକ୍ରି କରନ୍ତି। ଏହା ଏକ ପାରମ୍ପରିକ ଜୈବିକ ଖାଦ୍ୟ ହୋଇଥିବା ବେଳେ ବ୍ୟବସାୟିକ ଭାବେ ଏହାର ଉତ୍ପାଦନ ହୁଏ ନାହିଁ। ସମ୍ପୂର୍ଣ୍ଣ ପ୍ରାକୃତିକ ଢଙ୍ଗରେ ସୃଷ୍ଟି ହେଉଥିବା ଏହି ଋତୁକାଳୀନ ଖାଦ୍ୟ କୃତ୍ରିମ ରାସାୟନିକ ପଦାର୍ଥ ସଂସ୍ପର୍ଶରେ ପ୍ରାୟତଃ ଆସି ନ ଥାଏ। ଏହାର ଲଭ୍ୟତା ବହୁତ କମ୍ ଥିବା ସ୍ଥଳେ ଏହାର ବ୍ୟଞ୍ଜନ କୌଣସି ହୋଟେଲରେ ମିଳେନାହିଁ। ଦେଶୀ ତଥା ସୌଖିନ ଖାଦ୍ୟପ୍ରିୟ ଲୋକେ ଏହାକୁ ରୋଷଇ କରି ସ୍ୱାଦିଷ୍ଟ ବ୍ୟଞ୍ଜନ ଭାବେ ମୁଖ୍ୟ ଖାଦ୍ୟ ସହିତ ଗ୍ରହଣ କରିଥାନ୍ତି। ସ୍ଥଳ ବିଶେଷରେ ଯଦିଓ ଏହାକୁ ଘାଣ୍ଟ ତରକାରୀ ବା ଦେଶୀ ମୁଗଡାଲିରେ ବ୍ୟବହାର କରାଯାଏ ତଥାପି ଅଧିକାଂଶ ଲୋକ ପୂରନୀ କନ୍ଦା ଭଜା ଖାଇବାକୁ ବିଶେଷ ପସନ୍ଦ କରିଥାନ୍ତି। ଗୋଲାକାର ଆକୃତିରେ ଛୋଟ ଛୋଟ କଟାଯାଇଥିବା ପୂରନୀ କନ୍ଦାକୁ ପତଳା ପିଠଉ ଗୋଳେଇ ତାୱାରେ ଅନ୍ୟ ଭଜା ଭଳି ଘରେ ରୋଷେଇ କରି ଏହା ଖିଆଯାଏ। ବର୍ତ୍ତମାନ ଜୈବିକ ଏବଂ ପାରମ୍ପରିକ ଖାଦ୍ୟ ପ୍ରତି ଲୋକଙ୍କ ରୁଚି ବଢୁଥିବା ବେଳେ ପୂରନୀ କନ୍ଦା ପ୍ରତି ମଧ୍ୟ ଲୋକଙ୍କ ଆଦର ଢେର ବଢୁଛି।

## ପଣା ସଂକ୍ରାନ୍ତି: ଆଜି ଦଣ୍ଡନୃତ୍ୟ ଉଦ୍‌ଯାପନୀ







- ଝାମୁଯାତ୍ରାରେ କଠୋର ସାଧନା କରିବେ ଦଣ୍ଡୁଆ
- ପଣାରେ ମହକିବ ଦେବାଳୟ

**ହରଭଙ୍ଗା,୧୩।୪(ସମିସ):** ଓଡ଼ିଆ ପଞ୍ଜିକାର ଗଣନା ଅନୁସାରେ ମହାବିଷୁବ ସଂକ୍ରାନ୍ତି ହିଁ ହେଉଛି ବର୍ଷର ପ୍ରଥମ ସଂକ୍ରାନ୍ତି। ରବିବାର ପବିତ୍ର ପଣା ସଂକ୍ରାନ୍ତି। ଏହି ଦିନଟିକୁ ଓଡ଼ିଆ ନବବର୍ଷ ଭାବରେ ମଧ୍ୟ ପାଳନ କରାଯାଏ। ହିନ୍ଦୁ ଶାସ୍ତ୍ର ଅନୁସାରେ ବର୍ଷ ଆରମ୍ଭ ହେଉଥିବାରୁ ସମସ୍ତ ଦେବଦେବୀଙ୍କଠାରେ ସ୍ୱତନ୍ତ୍ର ପୂଜା ସହ ହୋମଯଜ୍ଞ ଓ ପଣା ପାଣି ଲାଗି କରାଯାଇଥାଏ। ଏହି ଦିନରୁ ସୂର୍ଯ୍ୟଙ୍କ ଅଧିକରୁ ଅଧିକ ଉତ୍ତାପ ପରିଲକ୍ଷିତ ମଧ୍ୟ ହୋଇଥାଏ। ଅନ୍ୟପଟେ ଅତ୍ୟଧିକ ତାପ ପାଇଁ ପଣାପାନର ବ୍ୟବସ୍ଥା ମଧ ଓଡ଼ିଆ ପରମ୍ପରା ବୋଲି କୁହାଯାଇଥାଏ। ତେଣୁ ମହାବିଷୁବ ସଂକ୍ରାନ୍ତିରେ ବିଭିନ୍ନ ଦେବଦେବୀ ମନ୍ଦିରରେ ପଣା ଲାଗି ହୋଇଥାଏ। ଉଭୟ ଅଗ୍ନି ଓ ବାୟୁଙ୍କ ପ୍ରକୋପରୁ ରକ୍ଷା ପାଇବା ପାଇଁ ଏହି ଦିନକୁ ହନୁମାନ ଜୟନ୍ତୀ ଭାବେ ମଧ୍ୟ ପାଳନ କରାଯାଏ। ଅନ୍ୟପଟେ ଏହି ଦିନଠାରୁ ଦଣ୍ଡ ନୃତ୍ୟ ଉଦ୍‌ଯାପିତ ହୋଇଥାଏ। ପ୍ରତ୍ୟକ ବର୍ଷ ଚୈତ୍ର ମାସରେ ୧୩ ଦିନ, ୧୭ ଦିନ ଓ ୨୧ ଦିନ ଧରି ଶିବ କାଳିଙ୍କୁ ନେଇ ଗାଁ ଗାଁ ବୁଲି ଦଣ୍ଡୁଆମାନେ ପୂଜା କରିଥାନ୍ତି। ଦଣ୍ଡ ନାଚ ପାଇଁ ଚୈତ୍ର ମାସ ସାରା ପୁରପଲ୍ଲୀ ଉତ୍ସବ ମୁଖର ହୋଇଥାଏ; କିନ୍ତୁ ଏହି ଦଣ୍ଡ ନୃତ୍ୟ ପଣା ସଂକ୍ରାନ୍ତି ଦିନ ଉଦ୍‌ଯାପିତ ହେଉଥିବାରୁ ଦଣ୍ଡର ପାଟ ଭୁକ୍ତାମାନେ ବିଷୁବ ସଂକ୍ରାନ୍ତିରେ ଦଣ୍ଡ ଥାପିଥାନ୍ତି। ଦଣ୍ଡୁଆମାନେ ସମାଜକୁ କଠୋର ତାପ, ନିଷ୍ଠା, ଭକ୍ତି ଏସବୁ ସହ୍ୟ କରିବାର ଶକ୍ତି ସମ୍ପର୍କରେ ଏକ ସାମାଜିକ ଶିକ୍ଷା ସମାଜକୁ ପ୍ରଦାନ କରିଥାନ୍ତି। ଏହି ଦିନ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଦଣ୍ଡୁଆମାନେ ନିଆଁରେ ଚାଲିବା, ଖରାରେ ଭୂଇଁ ଉପରେ ଶୋଇବା, କଣ୍ଟାରେ ଚାଲିବା ଆଦି କଷ୍ଟସାଧ ସାଧନା କରିଥାନ୍ତି। ହରଭଙ୍ଗା ବ୍ଲକର ତିଳେଶ୍ୱର, ଟାକୁଡ଼, ଖଣ୍ଡହତା, ବୁରୁବୁଡ଼ା, ଧଳପୁର, ସାକୁସିଙ୍ଗା, ଶ୍ରଦ୍ଧାପୁର, ପୁରୁଣା କଟକ, କରଡ଼ି, ବିରାମଚନ୍ଦ୍ର ପୁର, ହରଭଙ୍ଗା, କୁସଙ୍ଗ, ବନ୍ତି ଝୁଲି ଆଦି ବିଭିନ୍ନ ସ୍ଥାନରେ ହେଉଥିବା ଝାମୁଯାତ୍ରାରେ ଏସବୁ ଦେଖିବାକୁ ମିଳିଥାଏ। ଝାମୁ ଯାତ୍ରା ବା ମେରୁ ଯାତ୍ରା ପାଇଁ ମଧ୍ୟ ଲୋକଙ୍କ ବେଶ୍ ଗହଳି ପରିଲକ୍ଷିତ ହୋଇଥାଏ।

## ପ୍ରଧାନପାଲିରେ ଚାରିଶମ୍ଭୁ ଦଣ୍ଡଯାତ୍ରାର ମହାମିଳନ



**ପଲଶାଗୋରା,୧୩।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତ ବଉଲସିଙ୍ଗା ନିକଟ ପ୍ରଧାନପାଲିରେ ଚାରିଶମ୍ଭୁ ଓ ଦଣ୍ଡ କଳାକାରଙ୍କ ମହାମିଳନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛ। ଏହି ଦଣ୍ଡ ଯାତ୍ରାରେ ପାଇକବାହାଲର ଶ୍ରୀ ଜଳେଶ୍ୱର ବାବା, ଲଏଡାର ଶ୍ରୀ ଗୁପ୍ତେଶ୍ୱର ବାବା, ଯୁରମୁଣ୍ଡାର ଶ୍ରୀ କପିଳେଶ୍ୱର ବାବା, ବଉଳପୁରର ଶ୍ରୀ ସ୍ୱପ୍ନେଶ୍ୱର ବାବାଙ୍କ ଦଣ୍ଡ କଳାକାରମାନେ ସ୍ୱତନ୍ତ୍ର ଭାବେ ୪ଟି ସ୍ଥାନରେ ମହାଦେବଙ୍କୁ ପୂଜା କରାଯାଇ ଧୂଳି ଦଣ୍ଡ ଓ ରାତିରେ ଷୋଳ ସୁଆଙ୍ଗ ଦଣ୍ଡ ପରିବେଷଣ କରିଥିଲେ। ଏହି ଦଣ୍ଡରେ ସାମାଜିକ ଚଳଣିର ବିଭିନ୍ନ ସଚେତନମୂଳକ କାହାଣୀ ସହ ପରିବେଶ ଓ ପ୍ରାଣୀ ସୁରକ୍ଷା ଉପରେ ମଧ ସଚେତନ ବାର୍ତ୍ତା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ କେଶବ ଦନ୍ତା ଓ ତାଙ୍କ ପତ୍ନୀ ଚନ୍ଦକାନ୍ତି ଦନ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଯାତ୍ରାରେ ୫ଶହରୁ ଅଧିକ ଦଣ୍ଡ କଳାକାର ସାମିଲ ହୋଇ କଳା ପ୍ରଦର୍ଶନ କରିଥିଲେ।

## ବିଭିନ୍ନ ଗାଁ ବୁଲିଲେ ବିଜେଡି ବିଧାୟକ ପ୍ରାର୍ଥୀ



**କୋକସରା, ୧୩।୪(ସମିସ):** ପ୍ରାର୍ଥୀ ଘୋଷଣା ପରେ ଉଷ୍ମ ହେଲାଣି କଳାହାଣ୍ଡି ରାଜନୀତି। ଭୋଟରଙ୍କୁ ନିଜଆଡ଼କୁ ଆକୃଷ୍ଟ କରିବା ପାଇଁ କସରତ ଆରମ୍ଭ କରି ଦେଲେଣି ତିନି ପ୍ରମୁଖ ରାଜନୈତିକ ଦଳ। ଏହି କ୍ରମରେ ଧର୍ମଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋକସରା ବ୍ଲକରେ ବିଜେଡିର ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ପ୍ରଚାର ଆରମ୍ଭ କରିବା ସହ ଲୋକଙ୍କ ନିକଟତର ହୋଇଛନ୍ତି। ଶୁକ୍ରବାର ବ୍ଲକର ତୁନଗାଁ, କନ୍ଧାବୁଟୁରା, ଘୁର୍ଲୁଗୁଡ଼ା, ଧନସରା, ଗତାବନ୍ଧ, ସିର୍ଲିଗୁଡ଼ା, ଫୁପଗାଁ, କାଶିବାହାଲ ଆଦି ଗ୍ରାମରେ ନିଜର ଶହଶହ କର୍ମୀଙ୍କ ଗହଣରେ ରୋଡ୍ ଶୋ କରିବା ସହ ଗାଁକୁ ଗାଁ ବୁଲିଛନ୍ତି। ଏଥିସହ ବିଭିନ୍ନ ଗ୍ରାମରେ ସାଧାରଣ ବୈଠକ ମଧ୍ୟ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କ ମଙ୍ଗଳ ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ତେଣୁ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ବିପୁଳ ସମର୍ଥନ ଦେଇ ବିଜୟୀ କରାଇବା ପାଇଁ ଲୋକଙ୍କୁ ଭୋଟ ଭିକ୍ଷା କରିଥିଲେ। ଆଜିର ଏହି ଗସ୍ତରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବ୍ଲକ ବିଜେଡି ସଭାପତି ସୁଶାନ୍ତ ବେହେରା, ଧର୍ମଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗ, ଯୁବ ନେତା ଡାକେଶ୍ୱର ଲହଜଲ, ସୋନୁ ଅଗ୍ରୱାଲ, ରବି ଦାସ, ସଞ୍ଜୟ ସିଂଗଲ, ପଙ୍କଜମୁଖ ଚୌଧୁରୀ ଓ ସନ୍ତୋଷ ଦାସ ସମେତ ଶତାଧିକ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ।

## ଭଗବାନ ଝୁଲେଲାଲ୍‌ଙ୍କ ଜୟନ୍ତୀ




**ଭବାନୀପାଟଣା, ୧୩।୪(ସମିସ):** ସ୍ଥାନୀୟ ସହରର ସିନ୍ଧି ପଞ୍ଚାୟତ ତରଫରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହିନ୍ଦୁ ନବବର୍ଷ ଅବସରରେ ଭଗବାନ ଝୁଲେଲାଲଙ୍କ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସ୍ଥାନୀୟ ମନ୍ଦାର ବଗିଚା ପଡ଼ାସ୍ଥିତ ସିନ୍ଧି ପଞ୍ଚାୟତ ଭବନରେ ଭଗବାନ ଝୁଲେଲାଲ୍‌ଙ୍କ ପୂଜାର୍ଚ୍ଚନା ସହ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ଏକ ବିଶାଳ ଶୋଭାଯାତ୍ରା ଚିତ୍ତାକର୍ଷକ ଦାଣ୍ଡିଆ ନୃତ୍ୟ ସହ ସହର ପରିକ୍ରମା କରାଯାଇଥିଲା। ସିନ୍ଧି ସମାଜର ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। ସିନ୍ଧି ସମାଜର ଭବାନୀପାଟଣା ସଭାପତି ଟହଲ ରାମ ମାଖିଜା, ଭଗବାନ ବଜାଜ୍, କମଲ ମାଖିଜା, ସଞ୍ଜୟ ମାଖିଜା, ଦୀପକ ଅରୋରା, ନରେଶ ମାଖିଜା, ମହେଶ କୁକ୍ରେଜା ଏବଂ ଅନ୍ୟାନ୍ୟ ସଭ୍ୟମାନେ ସମ୍ମିଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କେସିଙ୍ଗା, ୧୩।୪(ସମିସ):** କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ କ୍ଲଷ୍ଟର ଅଧୀନସ୍ଥ ମଶାଣିବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୂରଲୀଧର ଡୁଙ୍ଗୁରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ତାଙ୍କ ସ୍ୱହସ୍ତରେ ଶିକ୍ଷାଦାନ ପାଇ ଅନେକ ଛାତ୍ରଛାତ୍ରୀ କିଏ ଡାକ୍ତର ତ କିଏ ଇଞ୍ଜିନିୟର ଭାବେ ଏବେ ଅଞ୍ଚଳରେ ସେବା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ତେବେ ଆଜି ତାଙ୍କ ଅବସରକାଳୀନ ବିଦାୟ ଉପଲକ୍ଷେ ସମସ୍ତ ଶିକ୍ଷାନୁଷ୍ଠାନ, ଶିକ୍ଷକ ସମାଜ, ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ଅଞ୍ଚଳର ଶିକ୍ଷାବିତ୍ ଓ ଶିକ୍ଷାପ୍ରେମୀ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମରେ କାଣ୍ଡେଲ କ୍ଲଷ୍ଟର ଅଧୀନସ୍ଥ ସମସ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଶ୍ରୀ ଡୁଙ୍ଗୁରୀଙ୍କୁ ମାନପତ୍ର ସହିତ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇ ତାଙ୍କର ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳ କାମନା କରାଯାଇଥିଲା।



### ସଫଳ ହେଲା ସ୍ଥାନୀୟ ପ୍ରାର୍ଥୀତ୍ୱ ପ୍ରସଙ୍ଗ

# ତଳକୁ ଖସୁଛି ବିଜେପିର ପାରଦ

**ଭବାନୀପାଟଣା, ୧୩।୪ (ସମିସ)**

ବହୁ ପ୍ରତିକ୍ଷିତ ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ମନୋରମା ମହାନ୍ତିଙ୍କୁ ଟିକେଟ ଦେଇଛି ବିଜେଡ଼ି। ୨୦୧୯ ନିର୍ବାଚନରେ ବିଜେଡ଼ି ପ୍ରାର୍ଥୀ ହୋଇ ନିର୍ବାଚନୀ ବୈତରଣୀ ପାର ହୋଇଥିବା ନର୍ଲା ବିଧାୟକ ଭୂପିନ୍ଦର ସିଂ ଏଥର ଟିକେଟ ପାଇବାରୁ ବଞ୍ଚିତ ହୋଇଛନ୍ତି। କଳାହାଣ୍ଡି ଲୋକସଭା ନିର୍ବାଚନମଣ୍ଡଳୀରେ ୭ଟି ବିଧାନସଭା ଆସନ ରହିଛି। ବିଜେଡ଼ି ପୂର୍ବରୁ ୬ ବିଧାନସଭା ଆସନ ଓ ଲୋକସଭା ପ୍ରାର୍ଥୀ ଘୋଷଣା କରିଥିବାବେଳେ ନର୍ଲା ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇ ନଥିଲା। ବହୁ କଳ୍ପନା ଜଳ୍ପନା ପରେ ଟିକଟ ହାତେଇଛନ୍ତି ମନୋରମା। ଏକ ଦଶନ୍ଧି ଧରି ନର୍ଲାରେ ସ୍ଥାନୀୟ ପ୍ରାର୍ଥୀତ୍ୱ ପ୍ରସଙ୍ଗ ଜୋର ଧରିଥିବାବେଳେ ଚଳିତ ନିର୍ବାଚନରେ ସ୍ଥାନୀୟ ପ୍ରାର୍ଥୀ ଟିକେଟ ଦେବାପାଇଁ ଲୋକେ ଦାବି କରିଥିଲେ। ସବୁ ଦିଗରୁ ତର୍ଜମା କରିବା ପରେ ଲଗାତାର ଦୁଇ ଦୁଇ ଥର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିବା ସ୍ଥାନୀୟ ପ୍ରାର୍ଥୀ ମନୋରମାଙ୍କୁ ବିଜୁ ଜନତା ଦଳ ପ୍ରାର୍ଥୀ କରିଛି। ଯଦିଓ ଏହି ଆସନ ପାଇଁ ଗତ ନିର୍ବାଚନରେ ବିଜୟ ଲାଭ କରିଥିବା ଭୂପିନ୍ଦର ସିଂଙ୍କ ସମେତ ବିଜେଡିରୁ ବହୁ ଆଶାୟୀ ଥିଲେ ତଥାପି ମନୋରମା ମହାନ୍ତିଙ୍କ ପ୍ରାର୍ଥୀତ୍ୱକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ନର୍ଲା ଆସନରେ ବିଜେଡିରୁ ମନୋରମା ମହାନ୍ତି, ବିଜେପିର ଅନିରୁଦ୍ଧ ପ୍ରଧାନ ଓ କଂଗ୍ରେସରୁ ଭକ୍ତ ଚରଣ ଦାସ ପ୍ରାର୍ଥୀ ହୋଇଛନ୍ତି। ନର୍ଲା ଆସନରେ ମନୋରମା ପ୍ରଥମ ମହିଳା ପ୍ରାର୍ଥୀ ହୋଇଥିବାରୁ ନିର୍ବାଚନମଣ୍ଡଳୀର ମହିଳା ଭୋଟରଙ୍କ ଭିତରେ ଖୁସିର ବାତାବରଣ ସୃଷ୍ଟି ହୋଇଛି। ପ୍ରାର୍ଥୀ ଘୋଷଣା ଅତି ରୋଚକପୂର୍ଣ୍ଣ ସ୍ଥିତିରେ ଗତି କରୁଥିଲା। ଏପରିକି ନବୀନ ପଟ୍ଟନାୟକ କାଳେ ନର୍ଲାରୁ ନିର୍ବାଚନ ଲଢ଼ିବେ ବୋଲି ଏକ ଅପପ୍ରଚାର ମଧ୍ୟ ଚାଲିଥିଲା। ଏହି ସବୁ ଭିତରେ ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସ ଗଣମାଧ୍ୟମ ସମ୍ମୁଖରେ କହିଥିଲେ ନର୍ଲା ଅଞ୍ଚଳରେ ଯଦି ନବୀନ ବାବୁ ଲଢ଼ିବେ ମୁଁ ସ୍ୱାଗତ କରୁଛି। ଭଲ ଫାଇଟ ହେବ କହି ନିଜେ ଆହ୍ୱାନ କରିଥିଲେ। ସେ ଏହା ବି କହିଛନ୍ତି ଯେ ଜିଲ୍ଲା ଏବଂ ରାଜ୍ୟର ବିକାଶ ପାଇଁ ମୋତେ ବିଧାନସଭାକୁ ଫେରିବାକୁ ପଡ଼ିଲା। ନର୍ଲା ନିର୍ବାଚନମଣ୍ଡଳୀରେ କୌଣସି ଆଖିଦୃଶିଆ କାର୍ଯ୍ୟ ହୋଇନାହିଁ। ଯେହେତୁ ସବୁ ଦଳରେ

**● ନର୍ଲାରୁ ମନୋରମା ବିଜେଡି ପ୍ରାର୍ଥୀ**
**● ଅଡୁଆରେ ପଡ଼ିବେ କି ଭକ୍ତ?**

ମୋର ପ୍ରିୟ ଲୋକ ଅଛନ୍ତି, ତେଣୁ ନର୍ଲାରୁ ପ୍ରାର୍ଥୀ ହେବାପାଇଁ ମୁଁ ନିଷ୍ପତ୍ତି ନେଇଥିବା ଭକ୍ତ ପ୍ରକାଶ କରିଛନ୍ତି। ଏବେ ମନୋରମା ମହାନ୍ତି ବିଜୁ ଜନତା ଦଳ ପ୍ରାର୍ଥୀ ହେବାପରେ ଅଞ୍ଚଳବାସୀ ସ୍ଥାନୀୟ ପ୍ରାର୍ଥୀତ୍ୱ ପ୍ରସଙ୍ଗ ଦାବିରେ ସଫଳ ହୋଇଛନ୍ତି। କଳାହାଣ୍ଡି ରାଜନୀତିରେ ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ ରୂପେ ଭକ୍ତଙ୍କ ନେତୃତ୍ୱର ଦକ୍ଷତାକୁ ଦେଖିଲେ ନର୍ଲା ଆସନରେ ନିର୍ବାଚନ ଲଢ଼ିବା ବିଶେଷ ଅସୁବିଧା ହେବନାହିଁ ବୋଲି କେତେକ ଆକଳନ କରୁଛନ୍ତି। ଏବେ ମନୋରମଙ୍କ ଭଳି ଜଣେ ନୂଆ ଚେହେରା ସହ ନିର୍ବାଚନରେ ଲଢ଼ିବା ଯେମିତି ଭକ୍ତଙ୍କ କ୍ଷେତ୍ରରେ ମର୍ଯ୍ୟାଦାର ପ୍ରଶ୍ନ ହୋଇଯାଇଛି। ହାର-ଜିତର ଗଣିତ ଏପଟ ସେପଟ ହୋଇଗଲେ ରାଜନୈତିକ ଭବିଷ୍ୟତ ଭକ୍ତଙ୍କୁ କେଉଁଆଡ଼େ ନେବ ତାହା ମୁଖ୍ୟ ପ୍ରଶ୍ନ। ନର୍ଲା ଆସନର ବିକାଶର ସ୍ୱପ୍ନ ଦେଖୁଥିବା ଭକ୍ତ ଦାସ ସତରେ ଅଡୁଆରେ ପଡ଼ିବେ ନା କିଛି ପୁରୁଣା ସମର୍ଥକଙ୍କୁ ଭରସା କରି ନୂଆ ରଣନୀତି ପ୍ରୟୋଗ କରିବେ ତାହା ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନର୍ଲା ବିଧାନସଭା ଆସନରେ ୨୦୧୪ରେ ବିଜୟୀ ହୋଇଥିଲେ ବିଜେଡ଼ିର ଧନେଶ୍ୱର ମାଝୀ। ଧନେଶ୍ୱର ୫୬, ୭୮୩ ( ୩୮ ପ୍ରତିଶତ), କଂଗ୍ରେସରୁ ଜଗନ୍ନାଥ ପଟ୍ଟନାୟକ ୪୧, ୦୧୫ (୨୭.୬ ପ୍ରତିଶତ) ଓ ବିଜେପିର ଆର୍ତ୍ତତ୍ରାଣ ମହାପାତ୍ର ୩୧, ୮୧୯ (୨୧.୩ ପ୍ରତିଶତ ) ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ସେହିପରି ୨୦୧୯ ନିର୍ବାଚନରେ ବିଜୟୀ ହୋଇଥିଲେ ବିଜେଡିରୁ ଭୂପିନ୍ଦର ସିଂ। ଭୋଟ ହାର ଅନୁସାରେ ଭୂପିନ୍ଦର ୫୩, ୨୬୪ (୩୧ ପ୍ରତିଶତ), ବିଜେପିର ଅନିରୁଦ୍ଧ ପଧାନ (୪୪, ୨୪୪ (୨୬ ପ୍ରତିଶତ) ଓ କଂଗ୍ରେସର ଚିତ୍ତରଞ୍ଜନ ମଣ୍ଡଳ ୩୫, ୭୫୩ (୨୧ ପ୍ରତିଶତ) ଓ ସ୍ୱାଧିନ ପ୍ରାର୍ଥୀ ଦୁର୍ଗାପ୍ରସାଦ ମହାନ୍ତି ୨୨, ୦୨୦ (୧୩ ପ୍ରତିଶତ) ଭୋଟ ହାସଲ କରିଥଲେ। ଚଳିତ ଥର ପୁଣି ଥରେ ଅନିରୁଦ୍ଧ ବିଜେପି ଟିକେଟ ପାଇ ନିର୍ବାଚନ ଲଢିବା ପାଇଁ ମଇଦାନକୁ ଓହ୍ଲାଇଛନ୍ତି। କିନ୍ତୁ ଗତ ବୁଧବାର ବିଜେପିର ଜଣେ ଟାଣୁଆ ନେତା ପ୍ରଦୀପ କୁମାର ନାୟକ ବିଜେପିରୁ ଇସ୍ତଫା ଦେଇଛନ୍ତି। ପ୍ରଦୀପ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିବାକୁ ସଜବାଜ ହେଉଥିବା ଜଣାପଡ଼ିଛି। ତେବେ ବିଜେପିର ଅନିରୁଦ୍ଧ ପ୍ରଧାନଙ୍କୁ ଏକ 'ଫ୍ଲପ ସୋ'ର ସାମ୍ନା କରିବା ନିଶ୍ଚିତ ବୋଲି ଅନେକ ଅନୁମାନ କରୁଛନ୍ତି। ନର୍ଲା ନିର୍ବାଚନମଣ୍ଡଳୀର ରାଜନୈତିକ ପାରଦ ବର୍ତ୍ତମାନ ତଳକୁ ତଳକୁ ଖସୁଥିବା ବିଭିନ୍ନ ମହଲରେ ଆଲୋଚନା ଆରମ୍ଭ ହୋଇସାରିଲାଣି। ତଥାପି ନିର୍ବାଚନ ମଇଦାନରେ କଂଗ୍ରେସର ହେବିୱେଟ ନେତା ଭକ୍ତ ଚରଣ ଦାସ ଓ ବିଜେଡି ପ୍ରାର୍ଥିନୀ ମନୋରମାଙ୍କ ସହ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ।

## ବଲାଙ୍ଗିର ଜିଲ୍ଲା ସୀମାନ୍ତରେ ଢୋଲକିଆଙ୍କ ଧୂଆଁଧାର ପ୍ରଚାର

**ନୂଆପଡ଼ା, ୧୩।୪(ସମିସ):** ନିର୍ବାଚନ ତାରିଖ ଯେତିକି ଯେତିକ ପାଖେଇ ଆସୁଛି ବିଭିନ୍ନ ରାଜନୈତିକ ଦଳର ପ୍ରଚାର ସେତିକି ଜୋରଦାର ହେବାରେ ଲାଗିଛି। ଏହିକ୍ରମରେ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ

**● ସମ୍ବଲପୁରୀ ଗୀତର ତାଳେତାଳେ ଝୁମୁଛନ୍ତି ସମର୍ଥକ**



ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ନୂଆପଡ଼ା–ବଲାଙ୍ଗୀର ଜିଲ୍ଲା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ପ୍ରଚାର ଜମୁଛି। ଶ୍ରୀ ଢ଼ୋଲକିଆ ବିଭିନ୍ନ ଅଞ୍ଚଳରେ ଡେରା ପକାଇ ନିଜର ଭୋଟ ବ୍ୟାଙ୍କକୁ ମଜବୁତ କରିବାକୁ ଦିନରାତି ପ୍ରୟାସ ଜାରି ରଖିଛନ୍ତି। ଲୋକଙ୍କଠାରୁ ବିଶେଷ ଶୁଭେଚ୍ଛା ଏବଂ ଶୁଭକାମନା ତାଙ୍କ ପ୍ରତି ମିଳୁଥିବା ସେ କହିଛନ୍ତି। ଶନିବାର କୋମନା ବ୍ଲକର କଟାପଡ଼ା, ମେଣ୍ଢାଟାଲ, ଡେଡେଙ୍ଗା, ଡଙ୍ଗରପଡ଼ା, ମୁରରି ବାହାଲି, ସାଲେପଡ଼ା, ବଙ୍ଗାମୁଣ୍ଡା, ମୁଣ୍ଡାପଲା, ଚନାମୁଣ୍ଡା, ଝରିଆପଡ଼ା, କୁସୁମପଡ଼ା, କୁକ୍ରିମୁଣ୍ଡି, ଲଖନା ଓ ପୁରୁଣାବସ୍ତି ଆଦି ପରିକ୍ରମା କରି ଧୂଆଁଧାର ପ୍ରଚାର କରିଛନ୍ତି। ସାଙ୍ଗରେ ସମ୍ବଲପୁରୀ ଅର୍କେଷ୍ଟ୍ରା ଦଳ ଘୁରି ବୁଲୁଥିବାରୁ ଗାଁ ଗୁଡ଼ିକରେ ଲୋକେ ଗୀତ ଏବଂ ବାଜାର ତାଳେତାଳେ ନାଚି ଉଠୁଥିବା ଦେଖାଯାଇଛି। ରାଜେନ୍ଦ୍ର ଢୋଲକିଆ ନବୀନ ସରକାରଙ୍କ ସମୟର ବିଭିନ୍ନ ଜନହିତକାରୀ ଯୋଜନାକୁ ନେଇ ଲୋକଙ୍କ ନିକଟକୁ ଯାଉଥିବାବେଳେ ଏଥର ଲୋକସଭା ଏବଂ ବିଧାନସଭାରେ ଡବଲ ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଛନ୍ତି। ଢୋଲକିଆଙ୍କ ସହ ତାଙ୍କର ସମର୍ଥକ ଜିଲ୍ଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଷୀ, କୋମନା ବ୍ଲକ ଅଧକ୍ଷା ଅନୁସୂୟା କୁମ୍ଭାର, ଗୁପ୍ତେ କୁମ୍ଭାର ଓ ଭୁବନେଶ୍ୱର ନାଏକ ପ୍ରମୁଖ ସାମିଲ ଥିଲେ।

## ନିର୍ବାଚନ ପାଇଁ ଆମପାଣି ପୁଲିସ ପକ୍ଷରୁ ସଚେତନତା

**କୋକସରା/ଆମପାଣି, ୧୩।୪(ସମିସ):** ଚଳିତ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଶାନ୍ତିଶୃଙ୍ଖଳା ଓ ଅବାଧ ନିରପେକ୍ଷ ନିର୍ବାଚନ ଲାଗି ଶୁକ୍ରବାର କୋକସରା ବ୍ଲକ ଆମପାଣି ଥାନା ପୁଲିସ ପକ୍ଷରୁ କାଉଡୋଲାଠାରେ ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଛି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ କ୍ରମେ ଆମପାଣି ଥାନା ଅଧିକାରୀ ଗଙ୍ଗାଧର ମେହେରଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀ ଓ ସିଆରପିଏଫ ଯବାନମାନେ କାଉଡୋଲା ହାଇସ୍କୁଲଠାରୁ ବାହାରି ଗାଁ ପରିକ୍ରମା ସହ ଫ୍ଲାଗ୍‌ମାର୍ଚ୍ଚ କରି ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ଏସ୍‌ଆଇ ମନୋଜ କୁମାର ନାଏକ, ଗୌରୀ ଜାନୀ ସମେତ ସିଆରପିଏଫ ଯବାନମାନେ ଓ ପୁଲିସ କର୍ମଚାରୀମାନେ ସାମିଲ ହୋଇଥିଲେ।



## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ଗଣ୍ଡାବାହାଲି, ୧୩।୪(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗଣ୍ଡାବାହାଲି ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ୨୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ପଞ୍ଚାୟତ ହାଇସ୍କୁଲ ଖେଳପଡ଼ିଆରେ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସିନାପାଲି ବ୍ଲକ ଉପାଧ୍ୟକ୍ଷା ମିନାକ୍ଷୀ ଘିଭେଲା ଓ ମୁଖ୍ୟବକ୍ତା ଭାବେ ସଙ୍କୁଳ ପ୍ରମୁଖ ତୁଳସୀ ରାମ ମେହେର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଆରସିସି ସୁଦର୍ଶନ ଭୋଇ ଓ ସୁନାରୀ ସିକୁଆଁ ସରପଞ୍ଚ ଭୋଲେଶ୍ୱରୀ ଦାସ ଯୋଗଦେଇଥିଲେ। ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତିର ସଭାପତି ତ୍ରିନାଥ ମେହେର ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ବୌସୁତ ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧାନଆଚାର୍ଯ୍ୟ ଭଗବାନ ଚଲାନ ଅତିଥିଙ୍କ ପରିଚୟ ଓ ଗୁରୁମା ତନୟା ମେହେର ମଞ୍ଚ ପରିଚାଳନା କରିଥିଲେ। ଉତ୍ସବର ପ୍ରଥମ ପର୍ଯ୍ୟାୟରେ ଅତିଥି ଓ ବକ୍ତାଙ୍କ ଗହଣରେ ମା' ସରସ୍ୱତୀଙ୍କ ବନ୍ଦନା ଗାନ କରି ମା'ବାଗ୍‌ଦେବୀ ଓ ଭାରତମାତାଙ୍କ



ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଦୀପ ପ୍ରଜ୍ୱଳନ ପୂର୍ବକ ସଭା ଆରମ୍ଭ କରାଯାଇଥିଲା। ମୁଖ୍ୟଅତିଥି ଘିଭେଲା ତାଙ୍କ ବକ୍ତବ୍ୟରେ ଶିଶୁ ବିଦ୍ୟାମନ୍ଦିରର ଉନ୍ନତି ପାଇଁ ସମସ୍ତଙ୍କର ଏକତା ଓ ସହଯୋଗ ଅପରିହାର୍ଯ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ନୈତିକ ଶିକ୍ଷା ତଥା ନୈତିକ ବିକାଶ ପାଇଁ ଶିଶୁ ବିଦ୍ୟାମନ୍ଦିରର ଗୁରୁତ୍ୱ ପ୍ରତିପାଦନ କରିଥିଲେ। ପରେ ବିଭିନ୍ନ ଶ୍ରେଣୀର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଗଣ ମାନପତ୍ର ସହ ପୁରସ୍କାର ବିତରଣ କରିଥିଲେ। ସ୍ଥାନୀୟ ଯୁବବନ୍ଧୁ, ସମସ୍ତ ଅଭିଭାବକ ଓ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତି ସମସ୍ତ କର୍ମକର୍ତ୍ତାଙ୍କ ସମ୍ପୂର୍ଣ୍ଣ ସହଯୋଗ କ୍ରମେ ସନ୍ଧ୍ୟାକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ ଚମାର ଦାସ, ମେଘବାନ ଭୋଇ, ଦୁଷ୍ମନ୍ତ ମେହେର, ଯୁଧିଷ୍ଠିର ମେହେର, ମୁରାରୀଧର ମେହେର, ଭକ୍ତରାମ ବାଗ, ତରୁଣ ବୈଠାରୁ, ଦୌଲାତ ମେହେର, ଗୁରୁମା ତରୁଣୀ ମେହେର, ସସ୍ମିତା ମେହେର, ରୋହିଣୀ ମେହେର, ଅହଲ୍ୟା ମେହେର ଓ ନନ୍ଦିତା ମେହେର ପ୍ରମୁଖ ସହଯୋଗ କରିଥିଲେ।

# ତ୍ରିଲୋଚନପୁର ପଞ୍ଚାୟତର ୫ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟରୁ ୨ଟି ବନ୍ଦ

### ଠିକାଦାରଙ୍କ କବଜାରେ ଗୋଟିଏ ଏବଂ ସହାୟିକା ଭରସାରେ ଚାଲିଛି ୨ଟି କେନ୍ଦ୍ର





**ଲାଞ୍ଜିଗଡ଼, ୧୩।୪(ସମିସ)**

ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର ୫ଟି ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟରୁ ୨ଟି କେନ୍ଦ୍ର ବନ୍ଦ ରହିଛି। ଏପରିକି ଜଣେ ଠିକାଦାରଙ୍କ କବଜାରେ ଗୋଟିଏ କେନ୍ଦ୍ର ରହିଥିବା ବେଳେ ଅନ୍ୟ ଦୁଇଟି ଅଙ୍ଗନାବାଡ଼ି କେନ୍ଦ୍ର ସହାୟିକା ଚଳାଉଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତ୍ରିଲୋଚନପୁର ପଞ୍ଚାୟତର ଲଡ଼ାଙ୍ଗ, ଫୁଲଡୁମେର, ଆମ୍ବଗୁଡ଼ା, ଗଉଡ଼ଥୁଆଗୁଡ଼ା ଓ ତ୍ରିଲୋଚନପୁର ଠାରେ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଏହି କେନ୍ଦ୍ରମାନଙ୍କ ମଧ୍ୟରେ ଲଡ଼ାଙ୍ଗ ଦାୟିତ୍ୱରେ ପ୍ରେମିକା ବାତ୍ରିଆ, ଫୁଲଡୁମେର ଦାୟିତ୍ୱରେ ଜୟନ୍ତୀ ବାତରିଆ, ଆମ୍ବଗୁଡ଼ା ଝୁନି ତୁଳ, ଗଉଡ଼ଥୁଆଗୁଡ଼ା ଅନୁଜା ପରିଡ଼ା ଓ ତ୍ରିଲୋଚନପୁର କେନ୍ଦ୍ର ଦାୟିତ୍ୱରେ ସ୍ୱର୍ଣ୍ଣଲତା ସିଂ ରହିଛନ୍ତି। ଏଥିମଧ୍ୟରୁ କେବଳ ତ୍ରିଲୋଚନପୁର କେନ୍ଦ୍ର ଓ ଆମ୍ବଗୁଡ଼ା କେନ୍ଦ୍ର ସହାୟିକା ଖୋଲିଥିବା ଦେଖିବାକୁ ମିଳିଛି। ଅନ୍ୟ ୩ଟି କେନ୍ଦ୍ର ମଧ୍ୟରୁ ଲଡ଼ାଙ୍ଗ କେନ୍ଦ୍ର ଜିଓ ଟାୱାର ଠିକାଦାର କବଜାରେ ରହିଥିବା ବେଳେ ଫୁଲଡୁମେର ଓ ଗଉଡ଼ଥୁଆଗୁଡ଼ା କେନ୍ଦ୍ର ବନ୍ଦ ରହିଛି। ଲଡ଼ାଙ୍ଗ ଏକ ଆଦିବାସୀ ଗ୍ରାମ ହୋଇଥିବାବେଳେ ଏହି କେନ୍ଦ୍ରଟି ଜିଓ ଟାୱାର ନିର୍ମାଣ କରୁଥିବା ଜଣେ ଠିକାଦାରକୁ ଦିଆଯାଇଛି। ସେହିପରି ଫୁଲଡୁମେର ଅଙ୍ଗନବାଡ଼ି କର୍ମୀ କେନ୍ଦ୍ରକୁ ମାସ ମାସ ଧରି ଆସୁ ନ ଥିବାରୁ କେନ୍ଦ୍ରଟି ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ସହାୟିକା ଆଣି ତାଙ୍କ ଘରେ ଛତୁଆ ଦେଉଥିବା ଅଭିଯୋଗ ହେଉଛି। ସେହିପରି ଆମ୍ବଗୁଡ଼ା ଓ ତ୍ରିଲୋଚନପୁର କେନ୍ଦ୍ର ଦାୟିତ୍ୱରେ ଥିବା କର୍ମୀ ମଧ୍ୟ ନିୟମିତ ଆସୁନଥିବା ଅଭିଯୋଗ ହେଉଛି। କିନ୍ତୁ ସହାୟିକା କେନ୍ଦ୍ର ଖୋଲା ରଖୁଥିବା ଦେଖିବାକୁ ମିଳିଛି। ପୂର୍ବରୁ ଅଙ୍ଗନବାଡ଼ି କର୍ମୀମାନେ ମାସମାସ ଧରି କେନ୍ଦ୍ରରେ ଅନୁପସ୍ଥିତ ରହୁଥିବା ନେଇ ନାଏବ ସରପଞ୍ଚ ତରଣୀସେନ ବାଗ ପଞ୍ଚାୟତ ସମିତି ବୈଠକରେ ଅଭିଯୋଗ ଆଣିଥିଲେ। ବୈଠକରେ ନିୟମିତ କାର୍ଯ୍ୟ କରିବୁ ବୋଲି କର୍ମୀମାନେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପୁଣି କାର୍ଯ୍ୟରେ ଅବହେଳା କରୁଥିବା ନେଇ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏନେଇ ଆଇସିଡିଏସ୍ ସୁପରଭାଇଜର ମନ୍ଦାର ଛାତ୍ରିଆଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ତ୍ରିଲୋଚନପୁର ଦାୟିତ୍ୱରେ ଥିବା ଜ୍ୟୋତ୍ସ୍ନା ମିଶ୍ର କିଛି ମାସ ତଳେ ଅବସର ନେବା ପରେ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ତାଙ୍କ ଅଧୀନରେ ୬୦ରୁ ଊର୍ଦ୍ଧ୍ୱ କେନ୍ଦ୍ର ରହିଥିବାବେଳେ ସବୁ କେନ୍ଦ୍ରକୁ ଯିବା ସମ୍ଭବ ହେଉନାହିଁ। ସେ ବାରମ୍ବାର ସମସ୍ତଙ୍କୁ ଅଙ୍ଗନାବାଡ଼ି କେନ୍ଦ୍ରକୁ ଯିବା ପାଇଁ କହୁଛନ୍ତି। ଏନେଇ ବ୍ଲକ ଦାୟିତ୍ୱରେ ଥିବା ସିଡିପିଓ ବିଜୟଶ୍ରୀ ସିଂ ଦେଓଙ୍କୁ ପଚାରିବାରୁ ଅଙ୍ଗନବାଡ଼ି କେନ୍ଦ୍ର କୌଣସି ଠିକାଦାରଙ୍କୁ ଦେବା କଥା ନୁହେଁ ବୋଲି କହିଛନ୍ତି। ତ୍ରିଲୋଚନପୁର ଅଙ୍ଗନବାଡ଼ି କର୍ମୀମାନଙ୍କୁ ନେଇ ପୂର୍ବରୁ ମଧ୍ୟ ଅଭିଯୋଗ ହୋଇଥିଲା। ସୋମବାର ସମସ୍ତ କର୍ମୀଙ୍କୁ ଭେଟିବେ ବୋଲି ସେ କହିଛନ୍ତି। ତେବେ ମାସମାସ ଧରି କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା କର୍ମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

**● ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ୍ ଏଜୁକେସନ୍ ସେଣ୍ଟରର ବାର୍ଷିକୋତ୍ସବ**

## 'ଶିଶୁମାନଙ୍କୁ ସଂସ୍କାରଧର୍ମୀ କରାଯାଉ'




**ଭବାନୀପାଟଣା, ୧୩।୪(ସମିସ):** ସ୍ଥାନୀୟ ସାପ୍ତାହିକ ବଜାର ନିକଟସ୍ଥ ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ୍ ଏଜୁକେସନ ସେଣ୍ଟରର ୩୯ ତମ ବାର୍ଷିକ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମନୋଜ୍ଞ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ରାଜ୍ୟସଭା ସାଂସଦ ସୁଜିତ କୁମାର ଯୋଗଦେଇଥିବାବେଳେ ଅନ୍ୟାନ୍ୟ ସମ୍ମାନିତ ଅତିଥି ରୂପେ ଏସ୍‌କେ ରେଡ୍ଡୀ, ବସନ୍ତ କୁମାର ସ୍ୱାଇଁ, ବିଦ୍ୟାଳୟର ସଭାପତି ଗଣେଶ ପ୍ରସାଦ ଜୀ ଏବଂ ଶିକ୍ଷା କମିଟିର ସଦସ୍ୟ ସୀତାରାମ ଘି ମଞ୍ଚରେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନେ ସେମାନଙ୍କର ସୁନ୍ଦର ଭବିଷ୍ୟତ ଗଠନରେ କେବଳ ବିଦ୍ୟାଳୟର ନୁହେଁ ପରିବାରର ମଧ୍ୟ ପ୍ରମୁଖ ଭୂମିକା ରହିଛି। ତେଣୁ ଅଭିଭାବକମାନେ ଓ ଶିକ୍ଷକଶିକ୍ଷୟିତ୍ରୀମାନେ ଏଥି ପ୍ରତି ଗୁରୁତ୍ୱ ଦେବାସହ ଶିଶୁମାନଙ୍କୁ ଉପଯୁକ୍ତ ଭାବେ ସଂସ୍କାରଧର୍ମୀ ହେବା ପାଇଁ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ବିଭିନ୍ନ କ୍ଷେତ୍ରରେ ସଫଳତା ନିମନ୍ତେ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡ଼ିଶୀ ନୃତ୍ୟ ପରିବେଷଣ ସହ ସମ୍ବଲପୁରୀ ଓ କୁନିକୁନି ପିଲାଙ୍କ ନୃତ୍ୟଗୀତ, ତଥା ନାଟକ ପରିବେଷଣ ଅଭିଭାବକ, ଛାତ୍ରଛାତ୍ରୀ ଓ ଅତିଥିମାନଙ୍କୁ ମୁଗ୍ଧ କରିଥିଲା। ଶିକ୍ଷକ ନିଶିକାନ୍ତ ରାଉତଙ୍କ ସହ ଅନ୍ୟାନ୍ୟ ଛାତ୍ରଛାତ୍ରୀମାନେ ମଞ୍ଚ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

